# କରିନ୍ଥୀୟ ମଣ୍ଡଳୀ ନିକଟକୁ ପ୍ରେରିତ ପାଉଲଙ୍କ ପ୍ରଥମ ପତ୍ର

୧ ପାଉଲ ଏହି ପତ୍ର ଲେଖିଛନ୍ତି। ମୁଁ ଖ୍ରୀଷ୍ଟଯୀଶୁଙ୍କର
ଜଣେ ପ୍ରେରିତ ରୂପେ ଆହୂତ ହେଲି। ଏହା
ପରମେଶ୍ୱରଙ୍କ ଇଚ୍ଛାରେ ସାଧିତ ହେଲା। ଆମ୍ଭର ଜଣେ
ଭାଇ ସୋସ୍ଥିନି ମଧ୍ୟ ନମସ୍କାର ଜଣାନ୍ତି।
୨କରିନ୍ଥୀଠାରେ ଥିବା ପରମେଶ୍ୱରଙ୍କ ମଣ୍ଡଳୀ, ପୁଣି
ଯେଉଁମାନେ ଖ୍ରୀଷ୍ଟଯୀଶୁଙ୍କଠାରେ ପବିତ୍ର କରାଯାଇଛନ୍ତି
ସେମାନଙ୍କ ନିକଟକୁ ଏହି ପତ୍ର ଲେଖା ଯାଉଅଛି।
ତୁମ୍ଭେମାନେ ଈଶ୍ୱରଙ୍କ ପବିତ୍ର ଲୋକ ହେବା ନିମନ୍ତେ
ଆହୂତ ହୋଇଅଛ। ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ
ସର୍ବତ୍ର ଯେଉଁମାନେ ବିଶ୍ୱାସ କରନ୍ତି ଏପରି ସବୁ ଖ୍ରୀଷ୍ଟବିଶ୍ୱାସୀଙ୍କ
ସହିତ ତୁମ୍ଭେମାନେ ଆହୂତ ହୋଇଅଛ।
୩ଆମ୍ଭର ପିତା ପରମେଶ୍ୱର ଓ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ
ଅନୁଗ୍ରହ ଓ ଶାନ୍ତି ତୁମ୍ଭମାନଙ୍କ ଉପରେ ବର୍ତ୍ତୁ। ପାଉଲ
ପରମେଶ୍ୱରଙ୍କୁ ଧନ୍ୟବାଦ ଦେଲେ।

## ପାଉଲ ପରମେଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତି

୪ଖ୍ରୀଷ୍ଟ ଯୀଶୁଙ୍କ ମାଧ୍ୟମରେ ପରମେଶ୍ୱର ତୁମ୍ଭମାନଙ୍କୁ
ଯେଉଁ ଅନୁଗ୍ରହ ପ୍ରଦାନ କରିଛନ୍ତି, ସେଥିପାଇଁ ମୁଁ ତୁମ୍ଭମାନଙ୍କ
ସକାଶେ ସର୍ବଦା ପରମେଶ୍ୱରଙ୍କୁ ଧନ୍ୟବାଦ ଜଣାଉଛି।
୫ଖ୍ରୀଷ୍ଟ ଯୀଶୁଙ୍କଠାରେ ତୁମ୍ଭେମାନେ ସମସ୍ତ ବିଷୟରେ ଆଶୀର୍ବାଦ
ପାଇଅଛ। ତୁମ୍ଭେମାନେ ସମସ୍ତ କଥା ଓ ସମସ୍ତ ଜ୍ଞାନରେ
ଖ୍ରୀଷ୍ଟ ଯୀଶୁଙ୍କ ଆଶୀର୍ବାଦରେ ପୂର୍ଣ୍ଣତା ଲାଭ କରିଛ।
୬ଖ୍ରୀଷ୍ଟଙ୍କ ବିଷୟକ ସତ୍ୟ ତୁମ୍ଭଠାରେ ପ୍ରମାଣିତ ହୋଇଛି।
୭ଅତଏବ ଯେତେବେଳେ ତୁମ୍ଭେମାନେ ଆମ୍ଭ ପ୍ରଭୁ ଯୀଶୁ
ଖ୍ରୀଷ୍ଟଙ୍କର ଆସିବା ପାଇଁ ଅପେକ୍ଷା କରୁଛ ସେତେବେଳେ
ତୁମ୍ଭେମାନେ ତାହାଙ୍କଠାରୁ ସମସ୍ତ ଆତ୍ମିକ ଦାନ ପାଉଛ।
୮ସେ ଶେଷ ପର୍ଯ୍ୟନ୍ତ ତୁମ୍ଭମାନଙ୍କୁ ଦୃଢ଼ କରି ରଖିବେ,
ଏବଂ ଆମ୍ଭ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆସିବା ଦିନ ତୁମ୍ଭେମାନେ
ନିର୍ଦ୍ଦୋଷ ଦେଖାଯିବ। ୯ପରମେଶ୍ୱର ବିଶ୍ୱସ୍ତ ଅଟନ୍ତି। ତାହାଙ୍କ
ପୁତ୍ର ଆମ୍ଭର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହିତ ଜୀବନରେ
ସହଭାଗୀ ହେବାପାଇଁ ସେ ତୁମ୍ଭମାନଙ୍କୁ ବାଛିଛନ୍ତି।

## କରିନ୍ଥୀ ମଣ୍ଡଳୀରେ ସମସ୍ୟା

୧୦ହେ ଭାଇ (ଓ ଭଉଣୀ) ମାନେ, ଆମ୍ଭମାନଙ୍କ ପ୍ରଭୁ
ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମୁଁ ନିବେଦନ କରେ ଯେ,
ତୁମ୍ଭେମାନେ ପରସ୍ପର ସହିତ ଏକମତ ହୁଅ। ଏହା ଦ୍ୱାରା
ତୁମ୍ଭମାନଙ୍କ ଭିତରେ କୌଣସି ବିଭାଜନ ହେବ ନାହିଁ।
ତୁମ୍ଭମାନଙ୍କର ଚିନ୍ତାଧାରା ଓ ଲକ୍ଷ୍ୟ ସମାନ ହେବା ଦ୍ୱାରା
ତୁମ୍ଭେମାନେ ସମ୍ପୂର୍ଣ୍ଣ ସଂଯୁକ୍ତ ହୁଅ। ୧୧ହେ ଭାଇ (ଓ
ଭଉଣୀ) ମାନେ ଖ୍ଲୋୟୀଙ୍କ ପରିବାରର କେତେକ ଲୋକ
ତୁମ୍ଭମାନଙ୍କ ବିଷୟରେ ମୋତେ କହିଛନ୍ତି ଯେ, ତୁମ୍ଭମାନଙ୍କ
ଭିତରେ ପରସ୍ପର ବାଦବିବାଦ ଅଛି। ୧୨ମୁଁ ଏହା କହିବା
ଅର୍ଥ: ତୁମ୍ଭମାନଙ୍କ ଭିତରୁ ଜଣେ କୁହେ, “ମୁଁ ପାଉଲଙ୍କର
ଅନୁଗାମୀ,” ଆଉଜଣେ କୁହେ “ମୁଁ ଆପଲ୍ଲଙ୍କର ଅନୁଗାମୀ,”
ଅନ୍ୟ ଜଣେ କୁହେ, “ମୁଁ କେଫାଙ୍କର ଅନୁଗାମୀ,” ଓ
ଅନ୍ୟଜଣେ କୁହେ: “ମୁଁ ଖ୍ରୀଷ୍ଟଙ୍କର ଅନୁଗାମୀ।” ୧୩ଖ୍ରୀଷ୍ଟଙ୍କୁ
ଭାଗଭାଗ କରାଯାଇ ନ ପାରେ। ପାଉଲ କ’ଣ ତୁମ୍ଭମାନଙ୍କ
ପାଇଁ କ୍ରୁଶ ଉପରେ ପ୍ରାଣ ତ୍ୟାଗ କରିଥିଲେ କି? ନା!
ତୁମ୍ଭେମାନେ କ’ଣ ପାଉଲଙ୍କ ନାମରେ ବାପ୍ତିସ୍ମ ହୋଇଛ?
ନା। ୧୪ମୁଁ କ୍ରିଷ୍ପ ଓ ଗାୟଙ୍କ ଛଡ଼ା ତୁମ୍ଭମାନଙ୍କ ମଧ୍ୟରୁ
ଆଉ କାହାରିକୁ ବାପ୍ତିସ୍ମ ନ ଦେଇ ଥିବାରୁ ପରମେଶ୍ୱରଙ୍କୁ
ଧନ୍ୟବାଦ ଦିଏ। ୧୫ଏଥିଲାଗି ଧନ୍ୟବାଦ ଦେଉଛି ଯେ,
କେହି ହେଲେ ମୋ ନାମରେ ତୁମ୍ଭେମାନେ ବାପ୍ତିସ୍ମ
ପାଇଅଛ ବୋଲି କହି ପାରିବ ନାହିଁ। ୧୬(ମୁଁ ସ୍ତିଫାନଙ୍କ
ପରିବାରକୁ ମଧ୍ୟ ବାପ୍ତିଜିତ କରିଛି, କିନ୍ତୁ ଆଉ କେଉଁମାନଙ୍କୁ
ବାପ୍ତିଜିତ କରିଛି, ତାହା ମନେ ପଡୁ ନାହିଁ)। ୧୭ଖ୍ରୀଷ୍ଟ
ମୋତେ ଲୋକମାନଙ୍କୁ ବାପ୍ତିସ୍ମ କରିବା ଦାୟିତ୍ୱ ଦେଇ ନ
ଥିଲେ। ସେ ମୋତେ ସୁସମାଚାର ପ୍ରଚାର କରିବା ଦାୟିତ୍ୱ
ଦେଇ ଥିଲେ। କୌଣସି ପ୍ରକାର ଜାଗତିକ ଜ୍ଞାନର
ପୂର୍ଣ୍ଣତାରେ ପ୍ରଭୁଙ୍କ ବାକ୍ୟ ପ୍ରଚାର କରିବାକୁ ଖ୍ରୀଷ୍ଟ ମୋତେ
ପଠାଇ ନ ଥିଲେ; ନଚେତ୍ ଯୀଶୁ ଖ୍ରୀଷ୍ଟଙ୍କ କ୍ରୁଶରେ ଥିବା
ମହାଶକ୍ତି ବ୍ୟର୍ଥ ହୋଇଯିବ।

## ଖ୍ରୀଷ୍ଟଙ୍କଠାରେ ଥିବା ପରମେଶ୍ୱରଙ୍କ ଶକ୍ତି ଓ ଜ୍ଞାନ

୧୮ଯେଉଁମାନେ ନଷ୍ଟ ହୋଇ ଯାଇଛନ୍ତି, ସେମାନଙ୍କ ଲାଗି
କ୍ରୁଶର ବାର୍ତ୍ତା ସମ୍ପୂର୍ଣ୍ଣ ମୂର୍ଖତା ଅଟେ। କିନ୍ତୁ ଆମ୍ଭେ
ଯେଉଁମାନେ ଉଦ୍ଧାର ପାଇଛୁ, ଆମ୍ଭପ୍ରତି ଏହା ପରମେଶ୍ୱରଙ୍କ
ଶକ୍ତି ସରୂପ। ୧୯ଶାସ୍ତ୍ରରେ ଲେଖା ଅଛି:

> “ମୁଁ ଜ୍ଞାନୀମାନଙ୍କର ଜ୍ଞାନକୁ ନଷ୍ଟ କରିଦେବି।
> ବୁଦ୍ଧିମାନ ଲୋକମାନଙ୍କର ବୁଦ୍ଧିକୁ ମୂଲ୍ୟହୀନ କରିବି।”
> ଯିଶାଇୟ ୨୯:୧୪

୨୦ଜ୍ଞାନୀ ଲୋକ କେଉଁଠାରେ ଅଛନ୍ତି? ବିଦ୍ୱାନ ଲୋକ
କେଉଁଠାରେ ଅଛନ୍ତି? ବର୍ତ୍ତମାନ ଯୁଗର ଦାର୍ଶନିକ କେଉଁଠାରେ
ଅଛନ୍ତି? ପରମେଶ୍ୱର ଜାଗତିକ ଜ୍ଞାନକୁ ମୂର୍ଖତା ବୋଲି
ଦର୍ଶାଇଛନ୍ତି। ୨୧ପରମେଶ୍ୱର ଆପଣା ଜ୍ଞାନରେ ଏହା ଚାହିଁଲେ
ଯେ, ଜଗତ କଦାପି ନିଜ ଜ୍ଞାନ ବଳରେ ପରମେଶ୍ୱରଙ୍କୁ

ଜାଣି ପାରିବ ନାହିଁ। ତେଣୁ ଯେଉଁ ସୁସମାଚାରକୁ ଜଗତ
ମୂର୍ଖତା ବୋଲି କୁହେ, ସେହି ବାର୍ତ୍ତା ଯେଉଁମାନେ ବିଶ୍ୱାସ
କରୁଛନ୍ତି, ତଦ୍ଦ୍ୱାରା ସେମାନଙ୍କୁ ଉଦ୍ଧାର କରିବାକୁ ଇଚ୍ଛାକଲେ।
୨୨ଯିହୂଦୀୟମାନେ ପ୍ରମାଣ ପାଇଁ ଆଶ୍ଚର୍ଯ୍ୟ କର୍ମ ଦେଖିବାକୁ
ଚାହାଁନ୍ତି, ଓ ଗ୍ରୀକ୍‌ମାନେ ଜ୍ଞାନ ଚାହାଁନ୍ତି। ୨୩କିନ୍ତୁ ଆମ୍ଭେ
ପ୍ରଚାର କରୁଛୁ: “ଖ୍ରୀଷ୍ଟ କ୍ରୁଶରେ ମୃତ୍ୟୁ ବରଣ କଲେ।”
ଏକଥା ଯିହୂଦୀମାନଙ୍କ ଲାଗି ବାଧାଜନକ ଓ ଅଣଯିହୂଦୀମାନଙ୍କ
ଲାଗି ମୂର୍ଖତା ଅଟେ। ୨୪କିନ୍ତୁ ପରମେଶ୍ୱରଙ୍କ ଦ୍ୱାରା ଆହୂତ
ଉଭୟ ଯିହୂଦୀ ଓ ଅଣଯିହୂଦୀମାନଙ୍କ ପାଇଁ ଖ୍ରୀଷ୍ଟ ପରମେଶ୍ୱରଙ୍କ
ଶକ୍ତି ଓ ପରମେଶ୍ୱରଙ୍କ ଜ୍ଞାନ ସ୍ୱରୂପ ଅଟନ୍ତି। ୨୫ଏପରିକି
ପରମେଶ୍ୱରଙ୍କ ‘ମୂର୍ଖତା’ ମନୁଷ୍ୟର ଜ୍ଞାନଠାରୁ ଅଧିକ
ଶକ୍ତିଯୁକ୍ତ। ସେହିପରି ପରମେଶ୍ୱରଙ୍କ ଦୁର୍ବଳତା ମନୁଷ୍ୟର
ଶକ୍ତିଠାରୁ ଅଧିକ ଶକ୍ତିଯୁକ୍ତ।
୨୬ଭାଇ (ଓ ଭଉଣୀ) ମାନେ! ଭାବି ଦେଖ, ଯେତେବେଳେ
ପରମେଶ୍ୱର ତୁମ୍ଭମାନଙ୍କୁ ଆହ୍ୱାନ କଲେ, ସେତେବେଳେ
ତୁମ୍ଭମାନଙ୍କ ମଧ୍ୟରୁ ଅଳ୍ପ କେତେକ ଜାଗତିକ ଭାବରେ
ଜ୍ଞାନୀ ଥିଲ, ତୁମ୍ଭମାନଙ୍କ ମଧ୍ୟରୁ ଖୁବ କମ୍ ଲୋକ
ପ୍ରଭାବଶାଳୀ ଥିଲ ଏବଂ ତୁମ୍ଭମାନଙ୍କ ଭିତରୁ ଖୁବ୍‌କମ୍
ଲୋକ ସମ୍ଭ୍ରାନ୍ତ ପରିବାରରୁ ଆସିଥିଲ। ୨୭କିନ୍ତୁ ପରମେଶ୍ୱର
ଜ୍ଞାନୀମାନଙ୍କୁ ଲଜ୍ଜା ଦେବା ନିମନ୍ତେ ଜଗତର ମୂର୍ଖ ବିଷୟ
ଗୁଡ଼ିକୁ ମନୋନୀତ କଲେ। ଜଗତର ବଳବାନମାନଙ୍କୁ ଲଜ୍ଜା
ଦେବା ନିମନ୍ତେ ଜଗତର ଦୁର୍ବଳ ବିଷୟଗୁଡ଼ିକୁ ମନୋନୀତ
କଲେ। ୨୮ପରମେଶ୍ୱର ଜଗତ ଦୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ
ବିଷୟଗୁଡ଼ିକୁ ମନୋନୀତ ନ କରି ନୀଚ ଓ ଘୃଣ୍ୟ
ବିଷୟଗୁଡ଼ିକ ମନୋନୀତ କଲେ। କାରଣ ପରମେଶ୍ୱର
ଜଗତ ଦୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡ଼ିକ ବିନାଶ
କରିବାକୁ ଚାହିଁଲେ। ୨୯ପରମେଶ୍ୱରଙ୍କର ଏପରି କରିବାର
କାରଣ ହେଉଛି ଯେ, କୌଣସି ଲୋକ ଯେପରି ତାହାଙ୍କ
ଆଗରେ ଗର୍ବ କରିପାରିବ ନାହିଁ। ୩୦କେବଳ ପରମେଶ୍ୱର
ହିଁ ତୁମ୍ଭମାନଙ୍କୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅଂଶୀ
କରାଇଛନ୍ତି। ଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ ପରମେଶ୍ୱରଙ୍କ
ଆଗତ ଜ୍ଞାନ। ଖ୍ରୀଷ୍ଟଙ୍କ ହେତୁ ଆମ୍ଭେ ପରମେଶ୍ୱରଙ୍କ
ଦୃଷ୍ଟିରେ ଧାର୍ମିକ ଏବଂ ଆମ୍ଭମାନଙ୍କର ପାପରୁ ମୁକ୍ତ ପାଇ
ପବିତ୍ର ହୋଇଛୁ। ୩୧ଶାସ୍ତ୍ରରେ ଏହିପରି ଲେଖାଅଛି: “ଯଦି
କାହାର ଗର୍ବ କରିବାକୁ ଥାଏ। ତା’ହେଲେ ସେ କେବଳ
ପ୍ରଭୁଙ୍କଠାରେ ଗର୍ବ କରିବା ଉଚିତ।”*

### କ୍ରୁଶବିଦ୍ଧ ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ବାର୍ତ୍ତା

**୨** ପ୍ରିୟ ଭାଇ (ଓ ଭଉଣୀ) ମାନେ, ମୁଁ ଯେତେବେଳେ
ତୁମ୍ଭମାନଙ୍କ ପାଖକୁ ଆସିଥିଲି, ସେତେବେଳେ
ପରମେଶ୍ୱରଙ୍କ ସତ୍ୟ ବିଷୟରେ କହିଥିଲି। କିନ୍ତୁ ମୁଁ
କୌଣସି ବାକ୍‌ଚାତୁରୀ ବା ଜ୍ଞାନର କଥା କହି ନଥିଲି।
୨କାରଣ ସ୍ଥିର କରିଥିଲି ଯେ ତୁମ୍ଭ ସହିତ ଥିବା ସମୟରେ,
ମୁଁ ଯୀଶୁଖ୍ରୀଷ୍ଟ ଓ କ୍ରୁଶରେ ତାହାଙ୍କ ମୃତ୍ୟୁଭୋଗ ବ୍ୟତୀତ,
ଅନ୍ୟସବୁ କଥା ଭୁଲି ଯିବି। ୩ଏଣୁ ମୁଁ ଦୁର୍ବଳ ଓ ଭୟରେ
ଥରି ଥରି ସେଠାକୁ ଆସିଥିଲି। ୪ମୋର କଥା ଓ ଶିକ୍ଷା
ଲୋକଙ୍କୁ ପ୍ରବର୍ତ୍ତାଇବା ଭଳି ଜାଗତିକ ଜ୍ଞାନର କଥା ନ
ଥିଲା। ମାତ୍ର ମୋହର ଶିକ୍ଷା ପବିତ୍ରଆତ୍ମାଙ୍କ ଦତ୍ତ ଶକ୍ତିର
ପ୍ରମାଣ ଅଟେ। ୫ତୁମ୍ଭ ବିଶ୍ୱାସ ମନୁଷ୍ୟର ଜ୍ଞାନର ନ
ହୋଇ ପରମେଶ୍ୱରଙ୍କ ଶକ୍ତିରେ ହେଉ, ସେଥିପାଇଁ ମୁଁ
ଏପରି କଲି।

### ପରମେଶ୍ୱରଙ୍କ ଜ୍ଞାନ

୬ଯେଉଁମାନେ ଅଭିଜ୍ଞ ଆମ୍ଭେ ସେହିମାନଙ୍କୁ ଜ୍ଞାନ ଶିକ୍ଷା
ଦେଉ। କିନ୍ତୁ ଏହି ଜ୍ଞାନ ସଂସାରରୁ ନୁହେଁ, ଏହା
ବର୍ତ୍ତମାନ ଯୁଗର ନେତାମାନଙ୍କର ଜ୍ଞାନ ନୁହେଁ। ଏହି
ନେତାମାନେ ଆପଣା ଶକ୍ତି ହରାଉ ଅଛନ୍ତି। ୭କିନ୍ତୁ
ଆମ୍ଭେମାନେ ପରମେଶ୍ୱରଙ୍କ ଗୂଢ଼ ଜ୍ଞାନର କଥା କହୁଛୁ।
ଜଗତର ସୃଷ୍ଟି ହେବା ପୂର୍ବରୁ ଆମ୍ଭର ମହିମା ପାଇଁ
ପରମେଶ୍ୱର ଏହି ଜ୍ଞାନର ଯୋଜନା କରିଥିଲେ। ୮ଏହି
ଜଗତର କୌଣସି ନେତା ଏହାକୁ ବୁଝି ପାରିଲେ ନାହିଁ।
ଯଦି ସେମାନେ ବୁଝି ଥାଆନ୍ତେ, ତାହାହେଲେ ଗୌରବମୟ
ପ୍ରଭୁଙ୍କୁ କ୍ରୁଶବିଦ୍ଧ କରି ମାରି ନ ଥାନ୍ତେ। ୯କିନ୍ତୁ
ଶାସ୍ତ୍ରମାନଙ୍କରେ ଏହିପରି ଲେଖା ଅଛି:

> “କୌଣସି ଆଖି ଦେଖି ନାହିଁ। କୌଣସି କାନ ଶୁଣି
> ନାହିଁ। କେହିହେଲେ କଳ୍ପନା କରି ନାହିଁ; ସେ,
> ପରମେଶ୍ୱରଙ୍କୁ ଭଲ ପାଉଥିବା ଲୋକଙ୍କ ପାଇଁ
> ପରମେଶ୍ୱର କ’ଣ ପ୍ରସ୍ତୁତ କରି ରଖିଛନ୍ତି।”
>
> ଯିଶାଇୟ ୬୪:୪

୧୦କିନ୍ତୁ ପରମେଶ୍ୱର ଆତ୍ମାଙ୍କ ମାଧ୍ୟମରେ ଏହି ନିଗୂଢ଼
ବିଷୟମାନେ ଆମ୍ଭକୁ ଦେଖାଇ ଦେଇଛନ୍ତି।
ଆତ୍ମା ସବୁ ଜାଣନ୍ତି। ସେ ପରମେଶ୍ୱରଙ୍କର ଅତି
ଗୋପନୀୟ କଥା ମଧ୍ୟ ଜାଣନ୍ତି। ୧୧କୌଣସି ମନୁଷ୍ୟ ଏକ
ମନୁଷ୍ୟର ମନକଥା ଜାଣିପାରେ ନାହିଁ। କେବଳ ମଣିଷ
ଭିତରେ ଥିବା ଆତ୍ମା ତା’ର ମନକଥା ଜାଣିପାରନ୍ତି।
ସେହିଭଳି ପରମେଶ୍ୱରଙ୍କ ମନକଥା ତାଙ୍କର ଆତ୍ମା ବ୍ୟତୀତ
କିଏ ଜାଣି ପାରିବ? ୧୨ଆମ୍ଭେ ଜଗତର ଆତ୍ମା ଦ୍ୱାରା
ପରମେଶ୍ୱରଙ୍କ ପ୍ରଦତ୍ତ ବିଷୟ ଗୁଡ଼ିକୁ ଜାଣି ପାରିବା।
୧୩ସେ ଗୁଡ଼ିକୁ କହିଲାବେଳେ ମନୁଷ୍ୟର କଳ୍ପିତ ଜ୍ଞାନର
ବାକ୍ୟ କହୁନାହୁଁ, ବରଂ ଆମ୍ଭେ ଆତ୍ମା ଦ୍ୱାରା ଶିଖିଥିବା
ବାକ୍ୟ କହୁ। ଆମ୍ଭେ ଆତ୍ମିକ ବିଷୟ ବୁଝାଇବା ପାଇଁ
ପବିତ୍ର ଆତ୍ମାଙ୍କ ବାକ୍ୟ ବ୍ୟବହାର କରୁ। ୧୪ଯେଉଁଲୋକ
ଆଧ୍ୟାତ୍ମିକ ନୁହେଁ, ସେ ପରମେଶ୍ୱରଙ୍କ ଆତ୍ମିକ ସତ୍ୟଗୁଡ଼ିକୁ
ଗ୍ରହଣ କରେ ନାହିଁ। ସେ ଏହିସବୁ ବିଷୟଗୁଡ଼ିକୁ ମୁର୍ଖାମୀ
ବୋଲି ଭାବେ। ସେ ଆତ୍ମାର ସତ୍ୟଗୁଡ଼ିକୁ ବୁଝିପାରେ
ନାହିଁ, କାରଣ ସେଗୁଡ଼ିକୁ କେବଳ ଆଧ୍ୟାତ୍ମିକ ଭାବରେ
ବିଚାର କରିହେବ। ୧୫କିନ୍ତୁ ଜଣେ ଆଧ୍ୟାତ୍ମିକ ଲୋକ
ପ୍ରତ୍ୟେକ ବିଷୟର ଉଚିତ ମୂଲ୍ୟାୟନ କରି ପାରିବ। ମାତ୍ର
ସେ ନିଜେ କାହାରି ଦ୍ୱାରା ବିଚାରିତ ହୋଇ ପାରିବ ନାହିଁ।
ଶାସ୍ତ୍ର କୁହେ:

---

**“ଯଦି … ଉଚିତ।”** ଯିରିମିୟ ୯:୨୪

୧୬ “ପ୍ରଭୁଙ୍କ ମନ କିଏ ଜାଣି ଅଛି? କ’ଣ କରିବାକୁ
ହେବ ବୋଲି ପ୍ରଭୁଙ୍କୁ କିଏ କହିବ?”
ଯିଶାଇୟ ୪୦:୧୩
କିନ୍ତୁ ଆମ୍ଭେ ଯୀଶୁ ଖ୍ରୀଷ୍ଟଙ୍କର ମନ ପାଇଅଛୁ।

## ମନୁଷ୍ୟକୁ ଅନୁସରଣ କରିବା ଉଚିତ ନୁହେଁ

୩ ଭାଇ (ଓ ଭଉଣୀ) ମାନେ! ପୂର୍ବରେ ମୁଁ ତୁମ୍ଭମାନଙ୍କୁ
ଆତ୍ମିକ ମନା ଲୋକମାନଙ୍କୁ କହିବା ଭଳି କହି
ପାରି ନ ଥିଲି। ମୁଁ ତୁମ୍ଭମାନଙ୍କ ସହିତ ଜାଗତିକ ଲୋକ
ଭଳି କଥାବାର୍ତ୍ତା କଲି। ଖ୍ରୀଷ୍ଟଙ୍କଠାରେ ଶିଶୁ ଭଳି ମୁଁ
ତୁମ୍ଭମାନଙ୍କୁ କହିଲି। ୨ସେତେବେଳେ ମୁଁ ତୁମ୍ଭକୁ ଗୁରୁପାକ
ଖାଦ୍ୟ ନ ଦେଇ କ୍ଷୀର ଦେଲି। ଏପରି କରିବାର
ଉଦ୍ଦେଶ୍ୟ ଯେ, ତୁମ୍ଭେମାନେ ଗୁରୁପାକ ଖାଦ୍ୟ ପାଇଁ ପ୍ରସ୍ତୁତ
ନ ଥିଲ, ଏବେ ମଧ୍ୟ ତୁମ୍ଭେମାନେ ଗୁରୁପାକ ଖାଦ୍ୟ ପାଇଁ
ପ୍ରସ୍ତୁତ ନୁହଁ। ୩ତୁମ୍ଭେମାନେ ଆତ୍ମିକ ଜୀବନରେ ଏବେ ମଧ୍ୟ
ଶିଶୁ ଭଳି ଅଛ। ତୁମ୍ଭେମାନେ ପରସ୍ପରକୁ ଈର୍ଷା କରୁଛ ଓ
ପରସ୍ପର ମଧ୍ୟରେ କଳହ କରୁଛ। ଏଥିରୁ ଜଣାପଡ଼େ
ତୁମ୍ଭେମାନେ ଏବେ ମଧ୍ୟ ଆତ୍ମିକ ନୁହଁ। ତୁମ୍ଭେ ଜାଗତିକ
ଲୋମାନଙ୍କ ଭଳି ଆଚରଣ କରୁଛ। ୪ତୁମ୍ଭମାନଙ୍କ ଭିତରେ
ଜଣେ କହୁଛି, “ମୁଁ ପାଉଲଙ୍କ ଅନୁଗାମୀ,” ଆଉ ଜଣେ
କହୁଛି “ମୁଁ ଆପଲ୍ଲଙ୍କ ଅନୁଗାମୀ,” ଏଭଳି କହିବା ଦ୍ୱାରା
ତୁମ୍ଭେମାନେ ଜାଗତିକ ମଣିଷ ଭଳି ଆଚରଣ କରୁଛ।
୫ଆପଲ୍ଲ କ’ଣ ବିଶିଷ୍ଟ ଲୋକ ଅଟନ୍ତି ନା! ପାଉଲ
ମହାନ୍ ଅଟନ୍ତି? ନା! ଆମ୍ଭେ କେବଳ ପ୍ରଭୁଙ୍କର ସେବକ
ଅଟୁ। ଆମ୍ଭେ ତାହାଙ୍କଠାରେ ବିଶ୍ୱାସ କରିବାରେ ତୁମ୍ଭମାନଙ୍କୁ
ସାହାଯ୍ୟ କରିଛୁ। ପ୍ରଭୁଙ୍କ ଦ୍ୱାରା ଦିଆଯାଇଥିବା କାମ ହିଁ
ଆମ୍ଭେ ସମ୍ପନ୍ନ କରିଛୁ। ୬ମୁଁ ଗଛଟିଏ ଲଗାଇଲି। ଆପଲ୍ଲ
ଗଛରେ ପାଣି ଦେଲେ, କିନ୍ତୁ ପରମେଶ୍ୱର ତା’କୁ ବଢ଼ିବାରେ
ସାହାଯ୍ୟ କଲେ। ୭ତେଣୁ ଗଛ ଲଗେଇଥିବା ବା ପାଣି
ଦେଇଥିବା କେହି ନୁହେଁ, କିନ୍ତୁ ଗଛକୁ ବଢ଼ାଉଥିବା
ପରମେଶ୍ୱର କେବଳ ପ୍ରଧାନ ଅଟନ୍ତି। ୮ଅତଏବ ଗଛ
ଲଗାଇଥିବା ଲୋକ ଓ ତାକୁ ପାଣି ଦେଇଥିବା ଲୋକ,
ଦୁହିଁଙ୍କର ଉଦ୍ଦେଶ୍ୟ ସମାନ ଓ ଦୁହେଁ ତାହାଙ୍କର କାମ
ଲାଗି ପ୍ରତିଫଳ ପାଇବେ। ୯ଆମ୍ଭେମାନେ ଏକତ୍ର ମିଳି
ପରମେଶ୍ୱରଙ୍କ ନିମନ୍ତେ କାର୍ଯ୍ୟ କରୁଛୁ, ଓ ତୁମ୍ଭେମାନେ
ପରମେଶ୍ୱରଙ୍କର କୃଷିଜମି ଅଟ।
ତୁମ୍ଭେମାନେ ପରମେଶ୍ୱରଙ୍କ ଗୃହ ଅଟ। ୧୦ଜଣେ ଦକ୍ଷ
ଗୃହନିର୍ମାଣକାରୀ ଭଳି ମୁଁ ସେ ଘରର ଭିତ୍ତି ସ୍ଥାପନ କଲି।
ପରମେଶ୍ୱରଙ୍କ ଦତ୍ତ ଅନୁଗ୍ରହ ମୁଁ ସେଥିପାଇଁ ବ୍ୟବହାର
କଲି। ଅନ୍ୟମାନେ ସେହି ଭିତ୍ତିଭୂମି ଉପରେ ଗୃହ ନିର୍ମାଣ
କରିବେ, କିନ୍ତୁ ପ୍ରତ୍ୟେକ ଲୋକ ନିର୍ମାଣ କଲାବେଳେ ସେ
କିପରି ନିର୍ମାଣ କରୁଛି। ଏବିଷୟରେ ସତର୍କ ହେବା
ଉଚିତ। ୧୧ତିଆରି ହୋଇଥିବା ମୂଳଦୁଆ ବ୍ୟତୀତ ଅନ୍ୟ
ମୂଳଦୁଆ କେହି ପକାଇ ପାରିବ ନାହିଁ। ୧୨ଏହି ମୂଳଦୁଆ
ସ୍ୱୟଂ ଯୀଶୁ ଖ୍ରୀଷ୍ଟ ଅଟନ୍ତି। ଜଣେଲୋକ ସେହି ମୂଳଦୁଆ
ଉପରେ ସୁନା, ରୁପା, ବହୁମୂଲ୍ୟପଥର, କାଠ, ଘାସ ବା
ନଡ଼ା, ଯାହା କିଛି ବ୍ୟବହାର କରି ନିର୍ମାଣ କରି ପାରିବ।
୧୩କିନ୍ତୁ ପ୍ରତ୍ୟେକ ଲୋକର କାମ ସେହି ଦିନ ସ୍ପଷ୍ଟ
ଭାବରେ ପ୍ରକାଶିତ ହେବ। ସେହି ଦିନଟି ନିଆଁ ଦେଇ
ଆସିବ, ଓ ସେହି ନିଆଁ ପ୍ରତ୍ୟେକ ଲୋକର କାର୍ଯ୍ୟକୁ
(ଗୃହକୁ) ପରୀକ୍ଷା କରିବ। ୧୪ଯଦି ସେ ମୂଳଦୁଆ ଉପରେ
ନିର୍ମିତ ଲୋକର ଗୃହ ଠିଆ ହୋଇ ରହିଥିବ। ତା’ହେଲେ
ସେ ଲୋକ ତା’ର ପୁରସ୍କାର ପାଇବ। ୧୫କିନ୍ତୁ ଯେଉଁ
ଲୋକର କାର୍ଯ୍ୟ ନିଆଁରେ ଭସ୍ମ ହୋଇଯିବ, ସେ କ୍ଷତି
ସହିବ। ସେ ଲୋକ ରକ୍ଷା ପାଇବ, କିନ୍ତୁ ସେ ସେହି
ଜ୍ୱଳନ୍ତ ନିଆଁରୁ ଯେପରି ଉଦ୍ଧାର ହେଲା ଭଳି ହେବ।
୧୬ତୁମ୍ଭେମାନେ ଜାଣି ରଖିବା ଉଚିତ ଯେ, ତୁମ୍ଭେମାନେ
ପରମେଶ୍ୱରଙ୍କ ମନ୍ଦିର ଅଟ, ଏବଂ ପରମେଶ୍ୱରଙ୍କ ଆତ୍ମା
ତୁମ୍ଭମାନଙ୍କ ଠାରେ ବାସ କରନ୍ତି। ୧୭ଯଦି କୌଣସି ଲୋକ
ପରମେଶ୍ୱରଙ୍କ ମନ୍ଦିରକୁ ନଷ୍ଟକରେ, ତାହାହେଲେ ପରମେଶ୍ୱର
ତାକୁ ନଷ୍ଟ କରି ଦେବେ। କାରଣ ପରମେଶ୍ୱରଙ୍କ ମନ୍ଦିର
ହେଉଛି ପବିତ୍ର। ସେହି ପବିତ୍ର ମନ୍ଦିର ତୁମ୍ଭେମାନେ।
୧୮ନିଜକୁ ଠକ ନାହିଁ, ଯଦି କୌଣସି ଲୋକ ଭାବେ
ଯେ, ସେ ଏହି ଯୁଗ ଅନୁସାରେ ଜ୍ଞାନୀ ଅଟେ, ତା’ହେଲେ
ତାକୁ ମୂର୍ଖ ହେବାକୁ ପଡ଼ିବ, ତହିଁରେ ସେ ପ୍ରକୃତ ଜ୍ଞାନୀ
ହୋଇପାରିବ। ୧୯କାହିଁକି କାରଣ ପରମେଶ୍ୱରଙ୍କ ଦୃଷ୍ଟିରେ
ଜାଗତିକ ଜ୍ଞାନ ପ୍ରକୃତରେ ମୂର୍ଖତା ଅଟେ। ଶାସ୍ତ୍ର କୁହେ;
“ଯେତେବେଳେ ଜ୍ଞାନୀମାନେ ନିଜ ଚତୁରତାରେ ବ୍ୟବହାର
କରନ୍ତି, ପରମେଶ୍ୱର ସେତେବେଳେ ସେମାନଙ୍କୁ ଧରନ୍ତି।”*
୨୦ଶାସ୍ତ୍ରରେ ଏହା ମଧ୍ୟ ଲେଖାଅଛି: “ପ୍ରଭୁ ଜ୍ଞାନୀମାନଙ୍କର
ମନକଥା ଜାଣନ୍ତି। ସେମାନଙ୍କ ସମସ୍ତ ଚିନ୍ତାଧାରା ଯେ
ମୂଲ୍ୟହୀନ ଏହା ମଧ୍ୟ ସେ ଜାଣନ୍ତି।”* ୨୧ସେଥିପାଇଁ
ମନୁଷ୍ୟମାନଙ୍କ ପାଇଁ ତୁମ୍ଭେମାନେ ଗର୍ବ କରିବା ଉଚିତ
ନୁହେଁ, କାରଣ ସମସ୍ତ ବିଷୟ ତୁମ୍ଭମାନଙ୍କର। ୨୨ପାଉଲ,
କେଫା ବା ପିତର; ଜଗତ ଜୀବନ ବା ମୃତ୍ୟୁ; ବର୍ତ୍ତମାନ
ବା ଭବିଷ୍ୟତ ସମସ୍ତ ହିଁ ତୁମ୍ଭମାନଙ୍କର। ୨୩ତୁମ୍ଭେମାନେ
ଖ୍ରୀଷ୍ଟଙ୍କର ଓ ଖ୍ରୀଷ୍ଟ ପରମେଶ୍ୱରଙ୍କର ଅଟନ୍ତି।

## ଖ୍ରୀଷ୍ଟଙ୍କର ପ୍ରେରିତଗଣ

୪ ଆମ୍ଭ ବିଷୟରେ ଲୋକମାନଙ୍କର ଭାବିବା ଦରକାର
ଯେ, ଆମ୍ଭେ ଖ୍ରୀଷ୍ଟଙ୍କର ସେବକ। ପରମେଶ୍ୱର
ନିଜର ଗୋପନୀୟ ସତ୍ୟଗୁଡ଼ିକୁ ଆମ୍ଭ ନିକଟରେ ଭରସା
ରଖି ଜଣାଇ ଅଛନ୍ତି। ୨ଯେଉଁ ଲୋକମାନଙ୍କୁ ଏହି ଦାୟିତ୍ୱ
ଦିଆଯାଇଛି ସେମାନେ ଯେ ଏଥିର ଯୋଗ୍ୟ ଏହା ଦର୍ଶାଇବା
ଉଚିତ। ୩ତୁମ୍ଭେମାନେ ଯଦି ମୋର ବିଗ୍ଚାର କର କିମ୍ବା
କୌଣସି ଅଦାଲତ, ଯଦି ମୋର ବିଗ୍ଚାରକରେ, ତେବେ ମୁଁ
ତାହାକୁ ଆଦୌ ଖାତିର କରେ ନାହିଁ। ଏପରି କି ମୋ
ନିଜର ବିଗ୍ଚାର ମଧ୍ୟ ମୁଁ କରେ ନାହିଁ। ୪ମୁଁ ଯେ କୌଣସି
ଭୁଲ କରିନାହିଁ କିନ୍ତୁ ତାହା ମଧ୍ୟ ମୋତେ ନିର୍ଦ୍ଦୋଷ
ପ୍ରମାଣିତ କରିନାହିଁ। ପ୍ରଭୁ ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏ
କି ମୋର ବିଗ୍ଚାର କରନ୍ତି। ୫ଅତଏବ, ଠିକ ସମୟ ନ

---

**“ଯେତେବେଳେ ... ଧରନ୍ତି।”** ଆୟୁବ ୫:୧୩
**“ପ୍ରଭୁ ... ଜାଣନ୍ତି।”** ଗୀତସଂହିତା ୯୪:୧୧

ଆସିବା ପର୍ଯ୍ୟନ୍ତ ଅର୍ଥାତ ପୁନରାଗମନ ପର୍ଯ୍ୟନ୍ତ, କୌଣସି
କଥାର ବିଚାର କରିବା ଅନୁଚିତ। ସେ ଅନ୍ଧକାରରେ
ରହିଥିବା ବିଷୟ ଗୁଡ଼ିକୁ ଲୋକମାନଙ୍କ ସମ୍ମୁଖକୁ ଆଣିବେ।
ସେ ମଣିଷର ହୃଦୟ ଭିତରେ ଥିବା ଗୁପ୍ତ ଉଦ୍ଦେଶ୍ୟ
ଗୁଡ଼ିକୁ ପ୍ରକାଶ କରିବେ। ସେତେବେଳେ ପରମେଶ୍ୱର
ପ୍ରତ୍ୟେକଙ୍କୁ ଯାହାର ପ୍ରାପ୍ୟ ପ୍ରଶଂସା ତାହା ପ୍ରଦାନ କରିବେ।
୬ଭାଇ (ଓ ଭଉଣୀ) ମାନେ! ଏ ସମସ୍ତ କହିଲା
ବେଳେ ମୁଁ ଆପଲ୍ଲଙ୍କୁ ଓ ନିଜକୁ ଉଦାହରଣ ସ୍ୱରୂପ
ବ୍ୟବହାର କରୁଛି ଯେପରି ତୁମ୍ଭେମାନେ ଶାସ୍ତ୍ରାଂଶ ଶବ୍ଦ
ଗୁଡ଼ିକର ଅର୍ଥ ଆମ୍ଭଠାରୁ ଜାଣିପାରିବ, “ତେବେ ଶାସ୍ତ୍ରରେ
ଯାହା ଲେଖା ଯାଇଛି କେବଳ ତହିଁର ବାଧ୍ୟ ହୁଅ। ତା’
ହେଲେ ତୁମ୍ଭେମାନେ ଜଣକ ନିମନ୍ତେ ଗର୍ବ କରିବ ନାହିଁ
ବା ଅନ୍ୟଜଣକୁ ଘୃଣା କରିବ ନାହିଁ।” ୭କିଏ କହୁଛି ଯେ,
ତୁମ୍ଭେମାନେ ଅନ୍ୟମାନଙ୍କ ତୁଳନାରେ ଭଲ? ଯାହା କିଛି
ତୁମ୍ଭମାନଙ୍କ ପାଖରେ ଅଛି, ତାହା ତୁମ୍ଭକୁ ଦିଆଯାଇଛି।
ତେବେ ଯଦି ସମସ୍ତ ବିଷୟ ତୁମ୍ଭମାନଙ୍କ ପାଖରେ ଅଛି।
ତାହା ତୁମ୍ଭକୁ ଦିଆଯାଇଛି। ତେବେ ଯଦି ସମସ୍ତ ବିଷୟ
ତୁମ୍ଭମାନଙ୍କୁ ଦିଆଯାଇଛି, ତା’ ହେଲେ ସେଗୁଡ଼ିକ ତୁମ୍ଭେମାନେ
ନିଜ ଶକ୍ତି ଦ୍ୱାରା ପାଇଛ ବୋଲି ଗର୍ବ କରୁଛ।
୮ତୁମ୍ଭେମାନେ ଭାବୁଛ ଯେ ତୁମ୍ଭମାନଙ୍କର ସମସ୍ତ
ଆବଶ୍ୟକୀୟ ବିଷୟ ତୁମ୍ଭମାନଙ୍କ ପାଖରେ ଅଛି। ତୁମ୍ଭେ
ନିଜକୁ ଧନ୍ୟ ବୋଲି ମନେ କରୁଛ। ତୁମ୍ଭେମାନେ ଆମ୍ଭ
ବିନା ରାଜା ହୋଇ ଯାଇଛ ବୋଲି ଭାବୁଛ। ହଁ,
ତୁମ୍ଭେମାନେ ପ୍ରକୃତରେ ରାଜା ହୋଇଥିଲେ ଭଲ ହୋଇଥାନ୍ତା।
ତା’ ହେଲେ ଆମ୍ଭେ ମଧ୍ୟ ତୁମ୍ଭମାନଙ୍କ ସହିତ ରାଜତ୍ୱ
କରିଥାଆନ୍ତୁ। ୯କିନ୍ତୁ ମୋର ମନେ ହୁଏ ଯେ, ପରମେଶ୍ୱର
ଆମ୍ଭ ପ୍ରେରିତମାନଙ୍କୁ ସର୍ବଶେଷରେ ରଖିଅଛନ୍ତି। ଆମ୍ଭେମାନେ
ଯେପରି ମୃତ୍ୟୁଦଣ୍ଡରେ ଦଣ୍ଡିତ କରାହୋଇଛୁ ଏବଂ ସମସ୍ତ
ଜଗତ ଏହା ଦେଖୁଛନ୍ତି। ସମଗ୍ର ଜଗତ, ସ୍ୱର୍ଗଦୂତ ଓ
ଲୋକମାନଙ୍କ ସମ୍ମୁଖରେ ଆମ୍ଭେମାନେ ଯେପରି ଏକ
ନାଟକ କରୁଛୁ। ୧୦ଆମ୍ଭେ ଯୀଶୁ ଖ୍ରୀଷ୍ଟଙ୍କ ପାଇଁ ମୂର୍ଖ
ହୋଇଛୁ। କିନ୍ତୁ ତୁମ୍ଭେମାନେ ନିଜକୁ ଖ୍ରୀଷ୍ଟଙ୍କଠାରେ ବୁଦ୍ଧିମାନ୍
ବୋଲି ଭାବୁଛ। ଆମ୍ଭେ ଦୁର୍ବଳ, ତୁମ୍ଭେମାନେ ନିଜକୁ
ବଳବାନ ମନେ କରୁଛ। ଲୋକେ ତୁମ୍ଭମାନଙ୍କୁ ସମ୍ମାନ
ଦିଅନ୍ତି କିନ୍ତୁ ଆମ୍ଭମାନଙ୍କୁ ସମ୍ମାନ ଦିଅନ୍ତି ନାହିଁ। ୧୧ଏପରିକି
ବର୍ତ୍ତମାନ ସୁଦ୍ଧା ଆମ୍ଭେ ଭୋକ ଓ ଶୋଷରେ ଅଛୁ, ଓ
ବସ୍ତ୍ରହୀନ ଅଟୁ। ଆମ୍ଭକୁ ଅଧିକାଂଶ ସମୟରେ ପ୍ରହାର
କରାଯାଇଛି। ଆମ୍ଭର ଘର ନାହିଁ। ୧୨ଆମ୍ଭର ଲାଗି ଆମ୍ଭେ
ହାତରେ କାମ କରୁଛୁ, ଅତି କଠିନ ପରିଶ୍ରମ କରୁଛୁ।
୧୩ଲୋକମାନଙ୍କ ଠାରୁ ଅଭିଶାପ ପାଇ ମଧ୍ୟ ଆମ୍ଭେ
ସେମାନଙ୍କୁ ଆଶୀର୍ବାଦ କରୁଛୁ। ଲୋକେ ଆମ୍ଭକୁ ତାଡ଼ନା
କରୁଛନ୍ତି, ଆମ୍ଭେ ସହୁଛୁ। ଏପରିକି ଯେଉଁମାନେ ଆମ୍ଭର
ମିଥ୍ୟାପବାଦ କରନ୍ତି, ଆମ୍ଭେ ସେମାନଙ୍କୁ ନମ୍ରଭାବେ କଥାକହୁ।
ଆଜି ପର୍ଯ୍ୟନ୍ତ ଲୋକେ ଆମ୍ଭକୁ ସମଗ୍ର ସଂସାରର ମଇଳା
ଧୂଳି ସଦୃଶ ବ୍ୟବହାର କରୁଛନ୍ତି।
୧୪ତୁମ୍ଭମାନଙ୍କୁ ଲଜ୍ଜିତ କରିବା ପାଇଁ ମୁଁ ଏହା ଲେଖୁନାହିଁ।
ବରଂ ନିଜର ପ୍ରିୟ ସନ୍ତାନ ବୋଲି ଭାବି ତୁମ୍ଭମାନଙ୍କୁ
ସଚେତନ କରାଉଛି। ୧୫ଖ୍ରୀଷ୍ଟଙ୍କଠାରେ ତୁମ୍ଭମାନଙ୍କର ଦଶ
ହଜାର ଶିକ୍ଷକ ଥାଇ ପାରନ୍ତି, କିନ୍ତୁ ତୁମ୍ଭମାନଙ୍କର ଅନେକ
ପିତା ନାହାଁନ୍ତି, ସୁସମାଚାର ଦ୍ୱାରା ଖ୍ରୀଷ୍ଟଯୀଶୁଙ୍କ ସକାଶେ ମୁଁ
ତୁମ୍ଭମାନଙ୍କର ପିତା ହୋଇଛି। ୧୬ସେଥିପାଇଁ ମୁଁ ତୁମ୍ଭମାନଙ୍କୁ
ଅନୁରୋଧ କରେ ଯେ, ତୁମ୍ଭେମାନେ ମୋପରି ହୁଅ।
୧୭ସେଥିପାଇଁ ତୀମଥିଙ୍କୁ ତୁମ୍ଭମାନଙ୍କ ପାଖକୁ ପଠାଉଛି। ସେ
ଖ୍ରୀଷ୍ଟରେ ମୋହର ସନ୍ତାନ। ମୁଁ ତୀମଥିଙ୍କୁ ଭଲ ପାଏ।
ସେ ବିଶ୍ୱାସଯୋଗ୍ୟ। ଖ୍ରୀଷ୍ଟଯୀଶୁଙ୍କ ପାଇଁ ମୁଁ କିପରି ଜୀବନ
ଯାପନ କରୁଛି ତାହା ସେ ତୁମ୍ଭମାନଙ୍କୁ ସ୍ମରଣ କରାଇ
ଦେବେ। ମୁଁ ସବୁ ମଣ୍ଡଳୀରେ ସର୍ବତ୍ର ଏହି ଶିକ୍ଷା ପ୍ରଦାନ
କରୁଛି।
୧୮ତୁମ୍ଭମାନଙ୍କ ଭିତରୁ ଅନେକ ଅହଂକାରୀ ହୋଇଯାଇଛ।
ଏହାଭାବି ତୁମ୍ଭେମାନେ ଗର୍ବ କର ଯେ ମୁଁ ତୁମ୍ଭମାନଙ୍କ
ପାଖକୁ ଆଉ କେବେ ଯିବି ନାହିଁ। ୧୯କିନ୍ତୁ ଖୁବ୍ ଶୀଘ୍ର ମୁଁ
ତୁମ୍ଭମାନଙ୍କ ପାଖକୁ ଯିବି, ଓ ଅହଙ୍କାର କରୁଥିବା ଲୋକମାନେ
କଣ ଅଧିକ କାର୍ଯ୍ୟ କରୁଛନ୍ତି ତାହା ମୁଁ ଦେଖିବାକୁ
ଚାହେଁ। ୨୦ଏହା ମୁଁ ଦେଖିବାକୁ ଇଚ୍ଛାକରେ, କାରଣ
ପରମେଶ୍ୱରଙ୍କ ରାଜ୍ୟ କେବଳ କଥାରେ କହିବା ବିଷୟ
ବସ୍ତୁ ନୁହେଁ, ମାତ୍ର ଶକ୍ତିର ବିଷୟ ଅଟେ। ୨୧ତୁମ୍ଭେମାନେ
କଣ ଚାହିଁ:

ମୁଁ ତୁମ୍ଭମାନଙ୍କ ପାଖକୁ ଦଣ୍ଡ ନେଇ ଆସିବି,
ନା ପ୍ରେମ ଓ କୋମଳତା ସହ ଆସିବି?

## ମଣ୍ଡଳୀରେ ନୈତିକ ସମସ୍ୟା

୫ ଲୋକେ ପ୍ରକୃତରେ କହୁଛନ୍ତି ଯେ, ତୁମ୍ଭମାନଙ୍କ
ଭିତରେ ଯୌନଗତ ପାପ ଅଛି। ଏହି ପାପ
ଏପରିକି ପରମେଶ୍ୱରଙ୍କୁ ନ ଜାଣିଥିବା ଲୋକମାନଙ୍କ ଠାରେ
ମଧ୍ୟ ଏହା ହୁଏ ନାହିଁ। ଲୋକେ କହୁଛନ୍ତି ଯେ, ଜଣେ
ଲୋକ ନିଜ ବାପାର ସ୍ତ୍ରୀ ସହିତ ବାସ କରୁଛି, ୨ତଥାପି
ମଧ୍ୟ ତୁମ୍ଭେମାନେ ଏହିସବୁ ପାଇଁ ଗର୍ବୀ। ତୁମ୍ଭେମାନେ
ଏଥିପାଇଁ ଦୁଃଖିତ ହେବା ଉଚିତ। ଯିଏ ଏପରି ବ୍ୟଭିଚାର
କରିଛି, ତାହାକୁ ତୁମ୍ଭ ଦଳରୁ ବାହାର କରି ଦେବା
ଉଚିତ। ୩ମୁଁ ସ୍ୱଶରୀରରେ ତୁମ୍ଭମାନଙ୍କ ପାଖରେ ନାହିଁ
କିନ୍ତୁ ଆତ୍ମାରେ ତୁମ୍ଭମାନଙ୍କ ସହିତ ଅଛି, ଓ ଯେଉଁଲୋକ
ଏହି ପାପକର୍ମ କରିଛି, ମୁଁ ତୁମ୍ଭ ସହିତ ଥିଲେ ତାହାର
ଯେପରି ବିଚାର କରିଥାଆନ୍ତି, ସେପରି ମୁଁ ବିଚାର କରି
ସାରିଛି। ୪ଆମ୍ଭର ପ୍ରଭୁ ଯୀଶୁଙ୍କ ନାମରେ ତୁମ୍ଭେମାନେ
ଏକତ୍ର ହୁଅ। ୫ମୁଁ ଆତ୍ମିକ ଭାବରେ ତୁମ୍ଭମାନଙ୍କ ସହିତ
ଉପସ୍ଥିତ ଥିବି ଓ ତୁମ୍ଭେମାନେ ପ୍ରଭୁଯୀଶୁଙ୍କ ଶକ୍ତିରେ ଏହି
ଲୋକକୁ ଶୟତାନ ହସ୍ତରେ ସମର୍ପଣ କରିଦିଅ, ଯଦ୍ଦ୍ୱାରା
ତାର ପାପର ଶରୀର ନଷ୍ଟ ହୋଇଯିବ। ତା’ ହେଲେ
ତା’ର ଆତ୍ମା ପ୍ରଭୁଙ୍କ ଦିନରେ ରକ୍ଷା ପାଇ ପାରିବ
୬ତୁମ୍ଭମାନଙ୍କ ଗର୍ବ ଓ ଅହଂକାର ଭଲ ନୁହେଁ।
ତୁମ୍ଭେମାନେ ଏହି ଉକ୍ତି ବିଷୟରେ ଜାଣିଛ ଯେ, “ଅଳ୍ପ
ଖମୀର ସମସ୍ତ ଗୋଳାମଇଦାକୁ ଫୁଲାଇ ଦିଏ।”
୭ତୁମ୍ଭେମାନେ ସଂପୂର୍ଣ୍ଣ ଭାବେ ନୂତନ ଗୁଳା ହେବାଲାଗି

ତୁମ୍ଭମାନଙ୍କ ଭିତରେ ଥିବା ପୁରୁଣା ଖମୀରକୁ ସମ୍ପୂର୍ଣ୍ଣ ଭାବେ
ବାହାର କରି ଦିଅ। ତୁମ୍ଭେମାନେ ସେହି ଖମୀର ଶୂନ୍ୟ
ନିସ୍ତାର ପର୍ବର ରୋଟୀ* ହିଁ ଖ୍ରୀଷ୍ଟ ଆମ୍ଭର ନିସ୍ତାର ପର୍ବ
ସୂଚକ ମେଣ୍ଢା ଯେ କି ଆମ୍ଭ ପାଇଁ ବଳି ହୋଇ
ଯାଇଛନ୍ତି। ୮ଅତଏବ, ଆସ ଆମ୍ଭେମାନେ ନିସ୍ତାର ପର୍ବର
ରୋଟୀକୁ ଭୋଜନ କରୁ, କିନ୍ତୁ ସେହି ପୁରୁଣା ଖମୀରଯୁକ୍ତ
ରୋଟୀ ନୁହେଁ। ସେହି ପୁରୁଣା ଖମୀର ପାପ ଓ ମନ୍ଦର
ଖମୀର। କିନ୍ତୁ ଆସ ସେହି ରୋଟୀ ଖାଇବା ଯେଉଁଥିରେ
ଖମୀର ମିଶା ହୋଇ ନ ଥାଏ। ଏହି ରୋଟୀ ଉତ୍ତମ ଓ
ସତ୍ୟର ରୋଟୀ।

୯ମୋର ପୂର୍ବ ପତ୍ରରେ ମୁଁ ଲେଖିଥିଲି ଯେ, ତୁମ୍ଭେମାନେ
ଯୌନଗତ ପାପ କରିଥିବା ଲୋକଙ୍କ ସହିତ ସମ୍ପର୍କ ରଖିବ
ନାହିଁ। ୧୦କିନ୍ତୁ ମୋର କହିବା ଅର୍ଥ ନ ଥିଲା ଯେ,
ଜଗତର ପାପୀମାନଙ୍କ ସହିତ ତୁମ୍ଭେମାନେ ସଂପର୍କ କାଟି
ଦେବ। ଜଗତର ସେହିଲୋକମାନେ ଯୌନଗତ ପାପ
କରନ୍ତି, ଯେଉଁମାନେ ସ୍ୱାର୍ଥୀ। ସେମାନେ ମୂର୍ତ୍ତିପୂଜକ ଏମାନଙ୍କ
ସହିତ ସମ୍ପର୍କ ନ ରଖିବା ଅର୍ଥ ହେବ, ଏହି ସଂସାରରୁ
ଆମ୍ଭକୁ ବାହାରି ଯିବାକୁ ପଡ଼ିବ। ୧୧ମୋର ଲେଖିବାର ଅର୍ଥ
ଥିଲା, ଯେ ଯେଉଁଲୋକ ନିଜକୁ ଖ୍ରୀଷ୍ଟଙ୍କର ଭାଇ ବୋଲି
ଘୋଷଣା କରି ଏବେ ମଧ୍ୟ ଯୌନଗତ ପାପ କରୁଛି କିମ୍ବା
ସ୍ୱାର୍ଥୀ, ମୂର୍ତ୍ତିପୂଜକ, ଲୋକମାନଙ୍କୁ ମନ୍ଦ କଥା କୁହେ, କିମ୍ବା
ମଦୁଆ କିମ୍ବା ଲୋକମାନଙ୍କୁ ଠକୁଛି। ସେହିଭଳି ଲୋକମାନଙ୍କ
ସହିତ ସମ୍ପର୍କ ରଖିବ ନାହିଁ। ଏହିପରିକି ଏଭଳି ଲୋକ
ସହିତ ବସି ଭୋଜନ ମଧ୍ୟ ଗ୍ରହଣ କର ନାହିଁ।

୧୨-୧୩ଯେଉଁମାନେ କୌଣସି ମଣ୍ଡଳୀର ସଭ୍ୟ ନୁହଁନ୍ତି,
ସେମାନଙ୍କ ବିଚାର କରିବା ଉଚିତ ନୁହେଁ। ପରମେଶ୍ୱର
ସେମାନଙ୍କର ବିଚାର କରିବେ। କିନ୍ତୁ ଯେଉଁମାନେ ମଣ୍ଡଳୀର
ସଭ୍ୟ ଅଟନ୍ତି, ତୁମ୍ଭେ ସେମାନଙ୍କର ବିଚାର କର। ଶାସ୍ତ୍ର
କୁହେ "ତୁମ୍ଭେମାନେ ନିଜ ଦଳରୁ ମନ୍ଦ ଲୋକକୁ ଅଲଗା
କରିଦିଅ।"*

## ଖ୍ରୀଷ୍ଟିୟାନମାନଙ୍କ ମଧ୍ୟରେ ବିବାଦର ମୀମାଂସା

୬ ଯେତେବେଳେ ତୁମ୍ଭର ଅନ୍ୟଖ୍ରୀଷ୍ଟ ବିଶ୍ୱାସୀ ବିରୁଦ୍ଧରେ
ଅଭିଯୋଗ ଥାଏ, ସେତେବେଳେ ତୁମ୍ଭେମାନେ କାହିଁକି
ବିଚାରାଳୟର ବିଚାରପତି ନିକଟକୁ ଯାଅ? ପରମେଶ୍ୱରଙ୍କ
ଦୃଷ୍ଟିରେ ସେମାନେ ଧାର୍ମିକ ନୁହଁନ୍ତି। ତେଣୁ ସୁବିଚାର
ନିମନ୍ତେ ପରମେଶ୍ୱରଙ୍କ ଲୋକ ନିକଟକୁ ନ ଯାଇ
ବିଜାତୀୟ ଲୋକ ପାଖକୁ ଯିବାକୁ ଲଜ୍ଜାବୋଧ ହୁଏ ନାହିଁ
କି? ୨ତୁମ୍ଭେମାନେ ଅବଶ୍ୟ ଜାଣିଛ ଯେ ପରମେଶ୍ୱରଙ୍କର
ଲୋକମାନେ ଜଗତର ବିଚାର କରିବେ। ଅତଏବ, ଯଦି
ତୁମ୍ଭେମାନେ ଜଗତର ବିଚାର କରିବ, ତା' ହେଲେ ଏହି
ଭଳି ଛୋଟ ଛୋଟ କଥାଗୁଡ଼ିକର ବିଚାର କ'ଣ ତୁମ୍ଭେମାନେ
କରିପାରିବ ନାହିଁ? ୩ତୁମ୍ଭେମାନେ କ'ଣ ଜାଣ ନାହିଁ ଯେ,
ଭବିଷ୍ୟତରେ ଆମ୍ଭେ ସ୍ୱର୍ଗଦୂତମାନଙ୍କର ମଧ୍ୟ ବିଚାର କରିବା।
ତା'ହେଲେ ନିଶ୍ଚିତରେ ତୁମ୍ଭେମାନେ ଏହି ଜାଗତିକ ବିଷୟ
ଗୁଡ଼ିକର ବିଚାର କରିପାରିବ। ୪ଅତଏବ, ଯଦି ତୁମ୍ଭମାନଙ୍କ
ଭିତରେ କିଛି ବିବାଦ ଅଛି, ତାହାହେଲେ ତୁମ୍ଭେମାନେ
କାହିଁକି ମଣ୍ଡଳୀ ବାହାରର ଲୋକଙ୍କୁ ନିକଟକୁ ସେଥିର
ମୀମାଂସା ପାଇଁ ଯିବ? ଏହି ଲୋକମାନେ ମଣ୍ଡଳୀ ଦୃଷ୍ଟିରୁ
ନଗଣ୍ୟ। ୫ମୁଁ ତୁମ୍ଭକୁ ଲଜ୍ଜା ଦେବା ପାଇଁ ଏପରି କହୁଛି।
ଖ୍ରୀଷ୍ଟ ବିଶ୍ୱାସୀ ଭାଇମାନଙ୍କର ମଧ୍ୟରେ ଥିବା ବିବାଦର
ବିଚାର କରିବାକୁ ତୁମ୍ଭମାନଙ୍କ ଭିତରେ କ'ଣ ଜଣେ
ହେଲେ ଜ୍ଞାନୀ ଲୋକ ନାହିଁ? କିନ୍ତୁ ଏବେ ଜଣେ ଭାଇ
ଅନ୍ୟଭାଇ ବିରୁଦ୍ଧରେ ଅଦାଲତକୁ ଯାଉଛି, ଓ ଅବିଶ୍ୱାସୀ
ଲୋକଙ୍କୁ ବିବାଦ ସମାଧାନ ପାଇଁ ସୁଯୋଗ ଦେଉଛି।

୭ତୁମ୍ଭମାନଙ୍କ ଭିତରେ ଥିବା ଆଇନଗତ ବିବାଦଗୁଡ଼ିକ
ଦର୍ଶାଇ ଦିଏ ଯେ, ତୁମ୍ଭେମାନେ ପରାଜିତ ହୋଇ ସାରିଛ।
ତା' ଅପେକ୍ଷା ଅନ୍ୟ କେହି ତୁମ୍ଭମାନଙ୍କୁ ଠକିଥିଲେ ବା
ତୁମ୍ଭମାନଙ୍କ ପ୍ରତି ଅନ୍ୟାୟ କରିଥିଲେ ଭଲ ହୋଇଥାନ୍ତା।
୮ତା' ପରିବର୍ତ୍ତେ ତୁମ୍ଭେ,ମାନେ ନିଜେ ନିଜ ପ୍ରତି ଅନ୍ୟାୟ
କରୁଛ, ଓ ଠକୁଛ। ଖ୍ରୀଷ୍ଟରେ ଥିବା ତୁମ୍ଭମାନଙ୍କ ଭାଇମାନଙ୍କ
ପ୍ରତି ମଧ୍ୟ ଅନ୍ୟାୟ କରୁଛ।

୯-୧୦ଅଥବା, ତୁମ୍ଭେମାନେ କ'ଣ ଜାଣ ନାହିଁ ଯେ
ଯେଉଁଲୋକମାନେ ମନ୍ଦ କର୍ମ କରନ୍ତି, ସେମାନେ ପରମେଶ୍ୱରଙ୍କ
ରାଜ୍ୟର ଉତ୍ତରାଧିକାରୀ ହେବେ ନାହିଁ। ନିଜକୁ ପ୍ରତାରଣା
କର ନାହିଁ। ଯେଉଁମାନେ ଯୌନଗତ ପାପ କରନ୍ତି, ପୁଣି
ମୂର୍ତ୍ତିପୂଜକ, ବ୍ୟଭିଚାରୀ, ସମଲିଙ୍ଗୀ, ସ୍ୱାର୍ଥପରୀ, ଚୋର,
ମଦୁଆ, ପରନିନ୍ଦକ ଓ ଠକୁଆ, ସେମାନେ ପରମେଶ୍ୱରଙ୍କ
ରାଜ୍ୟର ଉତ୍ତରାଧିକାରୀ ହେବେ ନାହିଁ। ୧୧ପୂର୍ବରୁ ତୁମ୍ଭମାନଙ୍କ
ଭିତରୁ କେତେକ ଏହିପରି ଥିଲି। କିନ୍ତୁ ଏବେ ତୁମ୍ଭମାନଙ୍କ
ପାପ ଧୌତ ହୋଇଛି। ତୁମ୍ଭମାନଙ୍କୁ ପବିତ୍ର କରାଯାଇଛି।
ତୁମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟ ନାମରେ ଓ ଆମ୍ଭ
ପରମେଶ୍ୱରଙ୍କ ଆତ୍ମା ଦ୍ୱାରା ଧାର୍ମିକ କରାଯାଇଛି।

## ନିଜ ଶରୀରକୁ ପରମେଶ୍ୱରଙ୍କ ମହିମାରେ ଲଗାଅ

୧୨"ସମସ୍ତ ବିଷୟ ସାଧନ କରିବା ପାଇଁ ମୋତେ
ଅନୁମତି ମିଳିଛି।" କିନ୍ତୁ ପ୍ରତ୍ୟେକ ବିଷୟ ଭଲ ନୁହେଁ।
"ସମସ୍ତ ବିଷୟ ସାଧନ କରିବା ପାଇଁ ମୋତେ ଅନୁମତି
ମିଳିଛି।" କିନ୍ତୁ ମୋ ଉପରେ କର୍ତ୍ତୃତ୍ୱ କରିବାକୁ ମୁଁ
କାହାକୁ ଦେବି ନାହିଁ। ୧୩"ଖାଦ୍ୟ ପେଟ ପାଇଁ ଓ ପେଟ
ଖାଦ୍ୟ ପାଇଁ ଅଟେ।" ଏ କଥା ଠିକ୍, କିନ୍ତୁ ପରମେଶ୍ୱର
ଏ ଦୁହିଁକୁ ନାଶ କରିବେ। ଶରୀର ଯୌନଗତ ପାପ ପାଇଁ
ନୁହେଁ, ବରଂ ପ୍ରଭୁଙ୍କ ପାଇଁ ଉଦ୍ଦିଷ୍ଟ, ଓ ପ୍ରଭୁ ଶରୀର
ପାଇଁ ଅଟନ୍ତି। ୧୪ପରମେଶ୍ୱର କେବଳ ପ୍ରଭୁଙ୍କୁ ମୃତ୍ୟୁରୁ
ପୁନରୁତ୍ଥିତ କରି ନାହାଁନ୍ତି, ବରଂ ନିଜର ଶକ୍ତି ଦ୍ୱାରା ସେ
ଆମ୍ଭମାନଙ୍କୁ ମଧ୍ୟ ମୃତ୍ୟୁରୁ ପୁନରୁତ୍ଥିତ କରିବେ। ୧୫ତୁମ୍ଭେମାନେ
କ'ଣ ଜାଣି ନାହିଁ ଯେ, ତୁମ୍ଭମାନଙ୍କ ଶରୀରଗୁଡ଼ିକ ଖ୍ରୀଷ୍ଟଙ୍କର

---

**ନିସ୍ତାର ପର୍ବର ରୋଟୀ** ଏକ ଖମୀର ଶୂନ୍ୟ ବିଶେଷ ରୋଟୀ ଯିହୂଦୀମାନେ ନିସ୍ତାର ପର୍ବରେ ଖାଇଥାନ୍ତି। ପାଉଲ କହନ୍ତି ଖ୍ରୀଷ୍ଟିୟାନ ମାନେ ପାପରୁ ମୁକ୍ତ ହୋଇଛନ୍ତି, ଯେପରି ନିସ୍ତାର ପର୍ବର ରୋଟୀ ଖମୀର ଶୂନ୍ୟ ଅଟେ।

**"ତୁମ୍ଭେମାନେ … କରିଦିଅ।"** ଦ୍ୱିତୀୟ ବିବରଣୀ ୨୨:୨୧, ୨୪

ଅଙ୍ଗବିଶେଷ? ତା’ହେଲେ ତୁମ୍ଭେମାନେ କ’ଣ ଭାବୁଛ ଯେ,
ମୁଁ ଖ୍ରୀଷ୍ଟଙ୍କର ଅଙ୍ଗଗୁଡ଼ିକୁ ନେଇଯିବି, ଓ ସେଗୁଡ଼ିକୁ
କୌଣସି ବେଶ୍ୟାର ଅଙ୍ଗ କରିଦେବି? କେବେ ନୁହେଁ।
୧୬ ଶାସ୍ତ୍ରରେ ଲେଖାଅଛି “ଉଭୟ ଏକ ହେବେ।”* ଅତଏବ
ତୁମ୍ଭେମାନେ ଜାଣିବା ଉଚିତ ଯେ ବେଶ୍ୟାଗମନ କରୁଥିବା
ଜଣେ ଲୋକ ଶାରୀରିକ ଭାବରେ ତା’ ସହିତ ଏକ ହୁଏ।
୧୭ କିନ୍ତୁ ଯେଉଁଲୋକ ପ୍ରଭୁଙ୍କ ସାଙ୍ଗରେ ରହେ ସେ
ଆତ୍ମାରେ ତାହାଙ୍କ ସହିତ ଏକ ହୁଏ।
୧୮ ଅତଏବ ଯୌନଗତ ପାପଠାରୁ ଦୂରରେ ରୁହ।
ଜଣେଲୋକ ଅନ୍ୟ ସମସ୍ତ ପ୍ରକାରର ପାପ, ନିଜ ଶରୀରର
ବାହାରେ କରେ। କିନ୍ତୁ ଯୌନଗତ ପାପ ଦ୍ୱାରା ସେ ନିଜ
ଶରୀର ବିରୁଦ୍ଧରେ ପାପ କରେ। ୧୯ ତୁମ୍ଭେମାନେ ଜାଣି
ରଖିବା ଉଚିତ ଯେ, ତୁମ୍ଭମାନଙ୍କ ଶରୀର ପବିତ୍ର ଆତ୍ମାଙ୍କ
ମନ୍ଦିର ଅଟେ। ପବିତ୍ର ଆତ୍ମା ଅନ୍ତରରେ ଅଛନ୍ତି। ପବିତ୍ର
ଆତ୍ମାଙ୍କୁ ତୁମ୍ଭେମାନେ ପରମେଶ୍ୱରଙ୍କଠାରୁ ପାଇଛ। ତୁମ୍ଭେମାନେ
ନିଜେ ନିଜର ନୁହଁ। ୨୦ କାରଣ ପରମେଶ୍ୱର ତୁମ୍ଭମାନଙ୍କୁ
ମୂଲ୍ୟ ଦେଇ କିଣିଛନ୍ତି। ସେଥିପାଇଁ ନିଜ ଶରୀର ମାଧ୍ୟମରେ
ପରମେଶ୍ୱରଙ୍କୁ ଗୌରବ ଦିଅ।

## ବିବାହ ବିଷୟରେ

୭ ଏବେ ମୁଁ ତୁମ୍ଭେମାନେ ଲେଖିଥିବା ବିଷୟଗୁଡ଼ିକର
ଆଲୋଚନା କରିବି। ପୁରୁଷ ପକ୍ଷେ ବିବାହ ନ
କରିବା ଭଲ। ୨ କିନ୍ତୁ ଯୌନଗତ ପାପ ବଡ଼ ବିପଦଜନକ।
ଅତଏବ ପ୍ରତ୍ୟେକ ପୁରୁଷର ନିଜର ପତ୍ନୀ ଥିବା ଉଚିତ।
ସେହିଭଳି ପ୍ରତ୍ୟେକ ସ୍ତ୍ରୀର ନିଜ ସ୍ୱାମୀ ଥିବା ଉଚିତ।
୩ ପତି ଆପଣାର ପତ୍ନୀକୁ ତାହାର ପ୍ରାପ୍ୟ ଦେବା ଉଚିତ।
୪ ପତ୍ନୀର ତା’ ନିଜ ଶରୀର ଉପରେ କୌଣସି ଅଧିକାର
ନାହିଁ। ତା’ର ଶରୀର ଉପରେ ତା’ ସ୍ୱାମୀ (ପତି) ର
ଅଧିକାର ଅଛି। ସେହିଭଳି ସ୍ୱାମୀର ତା’ ନିଜ ଶରୀର
ଉପରେ କୌଣସି ଅଧିକାର ନାହିଁ। ତା’ର ଶରୀର
ଉପରେ ତା’ର ସ୍ତ୍ରୀର ଅଧିକାର ଅଛି। ୫ ନିଜର ଅଧିକାରରୁ
ପରସ୍ପରକୁ ବଞ୍ଚିତ କର ନାହିଁ। କିନ୍ତୁ ତୁମ୍ଭେ ତୁହେଁ
ପ୍ରାର୍ଥନାରେ ନିଜକୁ ଉତ୍ସର୍ଗ କରିବା ପାଇଁ ଏକମତ ହୋଇ
ଅଳ୍ପ ସମୟ ପାଇଁ ପୃଥକ ହୁଅ। ତା’ ପରେ ପୁନର୍ବାର
ଏକାଠି ହୁଅ, ଯା’ଦ୍ୱାରା ଶୟତାନ ତୁମ୍ଭମାନଙ୍କ ଦୁର୍ବଳତାର
ସୁଯୋଗ ନେଇ ତୁମ୍ଭମାନଙ୍କୁ ପ୍ରଲୋଭିତ କରିପାରିବ ନାହିଁ।
୬ ମୋର ଏହା ଆଦେଶ ନୁହେଁ, ବରଂ କିଛି ସମୟ ପାଇଁ
ପୃଥକ ରହିବାକୁ ଅନୁମତି ଦେଉଛି। ୭ ମୁଁ ଇଚ୍ଛା କରେ
ଯେ, ସମସ୍ତେ ମୋ ଭଳି ରୁହନ୍ତୁ। କିନ୍ତୁ ପ୍ରତ୍ୟେକ
ଲୋକକୁ ପରମେଶ୍ୱରଙ୍କ ଠାରୁ ଏକ ବିଶେଷ ଅନୁଗ୍ରହ
ମିଳିଛି। ଯଦି ଜଣକର ଗୋଟିଏ ପ୍ରକାର ଅନୁଗ୍ରହଦାନ
ତା’ହେଲେ ଅନ୍ୟ ଜଣକ ନିମନ୍ତେ ଅନ୍ୟ ପ୍ରକାରର
ଅନୁଗ୍ରହଦାନ ଅଛି।
୮ ଏବେ ମୁଁ ଅବିବାହିତ ଓ ବିଧବାମାନଙ୍କୁ କହୁଛି ଯେ,
ଯଦି ସେମାନେ ମୋ ଭଳି ଏକାକୀ ରହି ପାରିବେ, ତା’
ହେଲେ ଭଲ। ୯ କିନ୍ତୁ ଯଦି ସେମାନେ ନିଜ ଶରୀର
ଉପରେ ନିୟନ୍ତ୍ରଣ ରଖି ପାରିବେ ନାହିଁ, ତା’ହେଲେ
ସେମାନେ ବିବାହ କରିବା ଉଚିତ। କାରଣ କାମ ବାସନାର
ଅଗ୍ନିରେ ପୋଡ଼ି ହେବା ଅପେକ୍ଷା ବିବାହ କରିବା ଉତ୍ତମ।
୧୦ ଯେଉଁମାନେ ବିବାହିତ ସେମାନଙ୍କୁ ମୁଁ ଏହି ଆଦେଶ
ଦେଉଛି- ଏହି ଆଦେଶ ମୋ’ ଠାରୁ ନୁହେଁ ବରଂ, ପ୍ରଭୁ
ନିଜେ ଏହି ଆଦେଶ ଦିଅନ୍ତି।
୧୧ ଯେ ପତ୍ନୀ ନିଜ ପତିକୁ କେବେହେଲେ ଛାଡ଼ିବା
ଉଚିତ ନୁହେଁ, କିନ୍ତୁ ଯଦି ପତ୍ନୀ ନିଜ ପତିକୁ ଛାଡ଼େ,
ତା’ହେଲେ ପୁନଃ ବିବାହ ନ କରି ରହିବା ଉଚିତ ବା
ନିଜ ପତି ସହିତ ମିଶି ଯିବା ଉଚିତ। ଠିକ୍ ସେହିଭଳି
ପତି ମଧ୍ୟ ନିଜ ପତ୍ନୀକୁ ଛାଡ଼ପତ୍ର ଦେବା ଉଚିତ ନୁହେଁ।
୧୨ ମୁଁ ଅନ୍ୟ ସମସ୍ତ ଲୋକଙ୍କୁ ଏହା କହେ (ଏହା
ମୋର କଥା, ପ୍ରଭୁଙ୍କର ନୁହେଁ): ଯଦି କୌଣସି ଖ୍ରୀଷ୍ଟୀୟ
ଭାଇଙ୍କର ଏପରି ପତ୍ନୀ ଅଛି ଓ ସେ ଖ୍ରୀଷ୍ଟ ବିଶ୍ୱାସୀନୀ
ନୁହେଁ ମାତ୍ର ପତି ସହିତ ରହିବାକୁ ଇଚ୍ଛୁକ, ତା’ ହେଲେ
ପତି ତାକୁ ତ୍ୟାଗ କରିବା ଉଚିତ ନୁହେଁ। ୧୩ ଯଦି
କୌଣସି ପତ୍ନୀର ପତି ଅଛି, ଓ ସେ ଖ୍ରୀଷ୍ଟ ବିଶ୍ୱାସୀ
ନୁହେଁ, କିନ୍ତୁ ସେ ପତ୍ନୀ ସହିତ ରହିବା ପାଇଁ ଇଚ୍ଛୁକ, ତା’
ହେଲେ ପତ୍ନୀ ତାକୁ ଛାଡ଼ପତ୍ର ଦେବା ଅନୁଚିତ। ୧୪ ଖ୍ରୀଷ୍ଟଙ୍କଠାରେ
ବିଶ୍ୱାସ ନ କରୁଥିବା ପତି, ତା’ର ବିଶ୍ୱାସ କରୁଥିବା ପତ୍ନୀ
ମାଧ୍ୟମରେ ପବିତ୍ର କରାଯାଇଅଛି। ସେହିଭଳି ବିଶ୍ୱାସ ନ
କରୁଥିବା ପତ୍ନୀ, ତା’ ବିଶ୍ୱାସ କରୁଥିବା ପତି ମାଧ୍ୟମରେ
ପବିତ୍ର କରାଯାଇ ଅଛି। ଯଦି ଏହା ସତ୍ୟ ହୋଇ ନଥାନ୍ତା,
ତା’ହେଲେ ତୁମ୍ଭମାନଙ୍କ ସନ୍ତାନମାନେ କଦାପି ଶୁଚି ହୋଇ
ନ ଥାନ୍ତେ। କିନ୍ତୁ ସେମାନେ ଏବେ ପବିତ୍ର ଅଟନ୍ତି।
୧୫ ତଥାପି ଯଦି ଜଣେ ଅବିଶ୍ୱାସୀ, ଜଣେ ବିଶ୍ୱାସୀଠାରୁ
ଅଲଗା ହେବାକୁ ଇଚ୍ଛା କରେ, ତା’ ହେଲେ ସେ ଅଲଗା
ହୋଇପାରେ। ଯେତେବେଳେ ଏପରି ଘଟିବ, ଖ୍ରୀଷ୍ଟିୟ ଭାଇ
ଓ ଭଉଣୀ ବିବାହ ବନ୍ଧନରୁ ମୁକ୍ତହେବ। ପରମେଶ୍ୱର
ତୁମ୍ଭମାନଙ୍କୁ ଶାନ୍ତିରେ ରହିବାକୁ ଆହ୍ୱାନ ଦେଇଛନ୍ତି।
୧୬ ପତ୍ନୀଗଣ! ହୁଏତ ତୁମ୍ଭେମାନେ ନିଜର ରକ୍ଷା କରି
ପାରିବ; ପତିଗଣ! ହୁଏତ ତୁମ୍ଭେମାନେ ନିଜ ନିଜର ପତ୍ନୀକୁ
ରକ୍ଷା କରି ପାରିବ। ଭବିଷ୍ୟତରେ କ’ଣ ଘଟିବ, ଏହା
ତୁମ୍ଭେମାନେ ଏବେ ଜାଣି ନାହିଁ।

## ପରମେଶ୍ୱରଙ୍କ ଆହ୍ୱାନ ଅନୁସାରେ ଜୀବନ ଯାପନ କର

୧୭ ପ୍ରଭୁ ତୁମ୍ଭକୁ ଆହ୍ୱାନ କଲାବେଳେ ଯେଉଁ ପ୍ରକାର
ଜୀବନଯାପନ କରିବା ପାଇଁ ଗୃଳନା ଦେଇଛନ୍ତି, ପ୍ରତ୍ୟେକ
ଲୋକ ସେହିଭଳି ଜୀବନ ଯାପନ କରିବା ଉଚିତ। ମୁଁ
ସମସ୍ତ ମଣ୍ଡଳୀକୁ ଏହି ନିର୍ଦ୍ଦେଶ ଦିଏ। ୧୮ ପରମେଶ୍ୱରଙ୍କ
ଆହ୍ୱାନ ପାଇବା ପୂର୍ବରୁ ଯଦି କାହାର ସୁନ୍ନତ ହୋଇ
ଯାଇଛି, ସେ ତାହା ପରିବର୍ତ୍ତନ କରିବା ଉଚିତ ନୁହେଁ।
ଯଦି ଜଣେ ଆହ୍ୱାନ ପାଇବା ବେଳେ ସୁନ୍ନତ ହୋଇ ନାହିଁ,
ତା’ର ମଧ୍ୟ ସୁନ୍ନତ ହେବା ଉଚିତ ନୁହେଁ। ୧୯ ଜଣେ ସୁନ୍ନତ
ହୋଇଛି ବା ନାହିଁ, ତାହା ବଡ଼ ବିଷୟ ନୁହେଁ, ମାତ୍ର
ପରମେଶ୍ୱରଙ୍କର ଆଜ୍ଞାଙ୍କୁ ମାନିବା ବଡ଼ ବିଷୟ।

**“ଉଭୟ ... ହେବେ।”** ଆଦିପୁସ୍ତକ ୨:୨୪

୨୦ପରମେଶ୍ୱର ଆହ୍ୱାନ କଲାବେଳେ ଯେ ଯେଉଁ ଅବସ୍ଥାରେ
ଥିଲା, ସେ ସେହିଭଳି ଥାଉ। ୨୧ଯଦି ପରମେଶ୍ୱର ତୁମ୍ଭମାନଙ୍କୁ
କ୍ରୀତଦାସ ଥିବା ଅବସ୍ଥାରେ ଡାକିଛନ୍ତି, ସେଥିପାଇଁ ଦୁଃଖ
କର ନାହିଁ। କିନ୍ତୁ ଯଦି ତୁମ୍ଭେମାନେ ସ୍ୱାଧୀନ ହୋଇପାର,
ତାହାହେଲେ ସେହି ସୁଯୋଗର ବ୍ୟବହାର କର। ୨୨କାରଣ
ଯେଉଁ ଲୋକକୁ ପ୍ରଭୁ ଆହ୍ୱାନ କଲାବେଳେ କ୍ରୀତଦାସ
ଥିଲା, ଏବେ ସେ ପ୍ରଭୁଙ୍କଠାରେ ସ୍ୱାଧୀନ ଲୋକ। ସେହି
ପ୍ରକାର ସ୍ୱାଧୀନ ଲୋକ ଥିଲାବେଳେ ପ୍ରଭୁ ଯାହାକୁ ଆହ୍ୱାନ
କଲେ, ସେ ଏବେ ପ୍ରଭୁଙ୍କର କ୍ରୀତଦାସ ଅଟେ। ୨୩ପରମେଶ୍ୱର
ମୂଲ୍ୟ ଦେଇ ତୁମ୍ଭମାନଙ୍କୁ କିଣିଛନ୍ତି। ତେଣୁ ମନୁଷ୍ୟମାନଙ୍କ
କ୍ରୀତଦାସ ହୁଅନାହିଁ। ୨୪ଅତଏବ ମଣିଷମାନଙ୍କର ଦାସ ହୁଅ
ନାହିଁ। ଭାଇ (ଓ ଭଉଣୀ) ମାନେ! ଆହ୍ୱାନ ହେଲାବେଳେ
ଯେ ଯେଉଁ ଅବସ୍ଥାରେ ଥିଲା, ପରମେଶ୍ୱରଙ୍କ ସହ ନୂତନ
ଜୀବନ ଲାଭ କରି, ସେ ସେହିପରି କାର୍ଯ୍ୟ କରୁ।

### ବିବାହ କରିବା ବିଷୟକ ପ୍ରଶ୍ନ

୨୫ଏବେ ମୁଁ ଅବିବାହିତ ଲୋକମାନଙ୍କ ବିଷୟରେ
କହୁଛି। ଏ ବିଷୟରେ ପ୍ରଭୁଙ୍କଠାରୁ ମୋତେ କୌଣସି
ଆଦେଶ ମିଳି ନାହିଁ। କିନ୍ତୁ ପ୍ରଭୁ ମୋ ପ୍ରତି ଦୟା
ଦେଖାଇ ଥିବାରୁ ଓ ମୁଁ ବିଶ୍ୱାସଭାଜନ ହୋଇ ଥିବାରୁ, ମୁଁ
ମୋର ମତାମତ ଦେଉଛି। ୨୬ଏହା ସଙ୍କଟର ସମୟ।
ଅତଏବ, ମୋ ମତରେ ତୁମ୍ଭେ ଯେପରି ଅଛ ସେହିପରି
ରହିବା ଉତ୍ତମ। ୨୭ଯଦି ତୁମ୍ଭେମାନେ ବିବାହିତ, ତେବେ
ପତ୍ନୀଠାରୁ ମୁକ୍ତ ହେବାକୁ ଚେଷ୍ଟା କର ନାହିଁ। କିନ୍ତୁ ଯଦି
ତୁମ୍ଭମାନଙ୍କର ବିବାହ ହୋଇନାହିଁ, ତେବେ ପତ୍ନୀଟିଏ ଖୋଜିବା
ପାଇଁ ଚେଷ୍ଟା କର ନାହିଁ। ୨୮କିନ୍ତୁ ଯଦି ତୁମ୍ଭେମାନେ
ବିବାହ କରିବା ପାଇଁ ମନସ୍ଥ କରିଛ, ତେବେ ଏହା ପାପ
ନୁହେଁ। ଜଣେ କୁମାରୀ କନ୍ୟା ବିବାହ କଲେ ପାପ କରେ
ନାହିଁ। କିନ୍ତୁ ଯେଉଁମାନେ ବିବାହ କରନ୍ତି, ସେମାନେ ଏହି
ଜୀବନରେ କଷ୍ଟ ପାଇବେ। ଏହି କଷ୍ଟରୁ ମୁଁ ତୁମ୍ଭମାନଙ୍କୁ
ମୁକ୍ତ ରଖିବାକୁ ଇଚ୍ଛା କରେ।
୨୯ଭାଇ (ଓ ଭଉଣୀ) ମାନେ! ମୋର କହିବା କଥା
ଯେ, ସମୟ ବହୁତ କମ୍ ଅଛି। ଅତଏବ, ଏହାପରେ,
ଯେଉଁମାନଙ୍କର ପତ୍ନୀ ଅଛନ୍ତି ସେମାନେ ପ୍ରଭୁଙ୍କ ପାଇଁ
ସମୟ ଦିଅନ୍ତୁ, ଯେପରି ସେମାନଙ୍କ ପତ୍ନୀନାହିଁ। ୩୦ଯେଉଁମାନେ
ଦୁଃଖି ସେମାନେ ଦୁଃଖି ନ ହେଲା ଭଳି ରୁହନ୍ତୁ।
ଯେଉଁମାନେ ସୁଖୀ, ସେମାନେ ଏପରି ରୁହନ୍ତୁ ଯେପରି
ସୁଖୀ ନୁହଁନ୍ତି। ଯେଉଁମାନେ ଜିନିଷ ପତ୍ର କିଣି ପାରନ୍ତି
ସେମାନେ ନିଜ ପାଖରେ କିଛି ନ ଥିଲା ଭଳି ରୁହନ୍ତୁ।
୩୧ଯେଉଁମାନେ ସଂସାରିକ ଭୋଗ-ବିଳାସର ସାମଗ୍ରୀ ଗୁଡ଼ିକ
ବ୍ୟବହାର କରୁଛନ୍ତି, ସେମାନେ ଏପରି ରୁହନ୍ତୁ ଯେପରି
ସେ ଗୁଡ଼ିକ ସେମାନଙ୍କ ପାଇଁ ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ।
ଏହିପରି ଭାବରେ ରୁହ, କାରଣ ଜଗତର ବାହ୍ୟିକ ବିଷୟ
ସବୁ ଶୀଘ୍ର ଲୋପ ପାଇବ।
୩୨ତୁମ୍ଭେମାନେ ଯେପରି ଚିନ୍ତା ନ କର ଏହା ମୋର
ଇଚ୍ଛା। ଅବିବାହିତ ଲୋକ ପ୍ରଭୁଙ୍କ କାମରେ ଲାଗିଥାଏ ଓ
ସେ ପ୍ରଭୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ଚେଷ୍ଟା କରେ। ୩୩କିନ୍ତୁ
ଯେଉଁ ଲୋକ ବିବାହିତ, ସେ ସାଂସାରିକ ବିଷୟରେ ଲିପ୍ତ
ରହି ତା'ର ପତ୍ନୀକୁ ସନ୍ତୁଷ୍ଟ କରିବା ପାଇଁ ବ୍ୟସ୍ତ ରହିଥାଏ।
୩୪ଅତଏବ ସେ ଦୁଇଟି ବିଷୟ ପ୍ରତି ଧ୍ୟାନ ଦିଏ: ପତ୍ନୀକୁ
ସନ୍ତୁଷ୍ଟ ଓ ପ୍ରଭୁଙ୍କୁ ସନ୍ତୁଷ୍ଟ କରିବା। ଜଣେ ଅବିବାହିତା ସ୍ତ୍ରୀ
ଅର୍ଥାତ କୁମାରୀ କନ୍ୟା ପ୍ରଭୁଙ୍କ ପାଇଁ ସମୟ ଦିଏ। ସେ
ତା'ର ଶରୀର ଓ ଆତ୍ମା ଉଭୟକୁ ପ୍ରଭୁଙ୍କଠାରେ ସମର୍ପିତ
କରିପାରେ। କିନ୍ତୁ ଜଣେ ବିବାହିତା ସ୍ତ୍ରୀ, ଜାଗତିକତାରେ
ମାତି ରହି, ନିଜ ସ୍ୱାମୀକୁ ସନ୍ତୁଷ୍ଟ କରିବାରେ ବ୍ୟସ୍ତ
ରୁହେ। ୩୫ଏହି କଥାଗୁଡ଼ିକ ମୁଁ ତୁମ୍ଭମାନଙ୍କ ଭଲ ପାଇଁ
କହୁଛି, ତୁମ୍ଭମାନଙ୍କ ଉପରେ କୌଣସି କଡ଼ା ପ୍ରତିବନ୍ଧକ
ଲଗାଇବା ପାଇଁ ନୁହେଁ। ମୁଁ ଇଚ୍ଛା କରେ ଯେ ତୁମ୍ଭେମାନେ
ନିଜକୁ କୌଣସି ଅନ୍ୟ କାମରେ ନ ଲଗାଇ, ସଂପୂର୍ଣ୍ଣ
ଭାବରେ ପ୍ରଭୁଙ୍କଠାରେ ସମର୍ପଣ କର।
୩୬ଯଦି କେହି ନିଜର କନ୍ୟା ଗତବୟସ୍କା ହେବାର
ଦେଖି ଭାବେ ଯେ, ସେ ନିଜ କୁମାରୀ କନ୍ୟା ପ୍ରତି ଉଚିତ
ବ୍ୟବହାର କରୁ ନାହିଁ, ଓ ଭାବେ ଯେ କନ୍ୟାର ବିବାହ
ଆବଶ୍ୟକ, ତେବେ ସେ ଯେପରି ଚାହେଁ ସେପରି କରିପାରେ।
ସେମାନଙ୍କର ବିବାହ କରିଦେବା ଉଚିତ। ଏହା ପାପ
ନୁହେଁ। ୩୭କିନ୍ତୁ ଆଉ ଜଣେ ଲୋକ ଅଧିକ ଦୃଢ଼ମନା
ଥାଇପାରେ ଯେ ବାହାହେବା ଦରକାର ନାହିଁ। ତାହାହେଲେ
ସେ ଯାହା ଚାହେଁ, ତାହା କରିବା ପାଇଁ ସ୍ୱାଧୀନତା
ପାଇଛି। ଯଦି ସେ ଚାହେଁ ତାହାର ମନରେ ଯେ ସେ
ତାହାର କନ୍ୟାକୁ ବିବାହ ଦେବ ନାହିଁ, ସେ ଉଚିତ
କରୁଛି। ୩୮ଅତଏବ ଯିଏ ନିଜର କୁମାରୀ କନ୍ୟାର ବିବାହ
କରାଉଛି, ସେ ଭଲ କରୁଛି ଓ ଯିଏ କୁମାରୀ କନ୍ୟାର
ବିବାହ କରାଉ ନାହିଁ, ସେ ଅଧିକ ଭଲ କରୁଛି।
୩୯ଜଣେ ସ୍ୱାମୀ ଜୀବିତ ଥିବା ପର୍ଯ୍ୟନ୍ତ ସେ ତା' ସହିତ
ରହିବା ପାଇଁ ବାଧ୍ୟ। ସ୍ୱାମୀ ମରିଗଲା ପରେ ସେ ଯେ
କୌଣସି ଅନ୍ୟ ଲୋକ ସହିତ ବିବାହ କରିବା ପାଇଁ
ସ୍ୱାଧୀନ ଅଟେ। କିନ୍ତୁ ସେ ପ୍ରଭୁଙ୍କ ପ୍ରତି ସଂମ୍ପୂର୍ଣ୍ଣ ବିଶ୍ୱସ୍ତ
ହେବା ଉଚିତ। ୪୦ଏକ ସ୍ତ୍ରୀ ଯଦି ପୁନଃ ବିବାହ ନ
କରେ, ତା' ହେଲେ ସେ ଅଧିକ ସୁଖୀ ରହିବ। ଏହା
ହେଉଛି ମୋର ମତ। ମୁଁ ବିଶ୍ୱାସ କରେ ଯେ ମୋ
ପାଖରେ ମଧ୍ୟ ପରମେଶ୍ୱରଙ୍କ ଆତ୍ମା ଅଛି।

### ମୂର୍ତ୍ତିଠାରେ ଉତ୍ସର୍ଗ ହୋଇଥିବା ପ୍ରସାଦ

୮ ଏବେ ମୁଁ ମୂର୍ତ୍ତିଗୁଡ଼ିକଠାରେ* ଉତ୍ସର୍ଗୀକୃତ ମାଂସ
ବିଷୟରେ କହିବି। ଆମ୍ଭେ ଜାଣୁ "ଆମ୍ଭ ସମସ୍ତଙ୍କ
ପାଖରେ ଜ୍ଞାନ ଅଛି।" କିନ୍ତୁ "ଜ୍ଞାନ" ତୁମ୍ଭମାନଙ୍କୁ
ଅହଂକାରୀ କରିଦିଏ। ୨କିନ୍ତୁ ପ୍ରେମ ଅନ୍ୟମାନଙ୍କୁ ବଳିଷ୍ଠ
କରିବାରେ ତୁମ୍ଭମାନଙ୍କୁ ସାହାଯ୍ୟ କରେ। ଯଦି କିଏ ଭାବେ
ଯେ, ସେ କିଛି ଜାଣେ ତା' ହେଲେ ସେ ଯେ ମୂର୍ଖ ଏହା
ଜାଣି ରଖିବା ଉଚିତ। ୩କିନ୍ତୁ ଯିଏ ପରମେଶ୍ୱରଙ୍କୁ ପ୍ରେମ
କରେ, ପରମେଶ୍ୱର ତାହାର ପରିଚୟ ନିଅନ୍ତି।

---

**ମୂର୍ତ୍ତିଗୁଡ଼ିକଠାରେ** କାଷ୍ଠ, ପାଷାଣ, ମାଟିରେ ନିର୍ମିତ, ଅଣଯିହୂଦୀ ମାନଙ୍କ ଦ୍ୱାରା ଉପାସିତ ଦେବତା

୪ଅତଏବ ମାଂସ ଖାଇବା ବଷୟରେ ମୁଁ ଏହା କହେ
ଯେ, "ଆମ୍ଭେ ଜାଣୁ ଯେ ଜଗତରେ ପ୍ରକୃତରେ ପ୍ରତିମା
ବୋଲ କଛି ନାହିଁ। ଏବଂ ଆମ୍ଭେ ଜାଣୁ ଯେ ଜଣେ ମାତ୍ର
ପରମେଶ୍ୱର ଅଛନ୍ତ। ୫ଆକାଶ ବା ପୃଥିବୀରେ ଅନେକଗୁଡ଼ିଏ
ତଥା-କଥିତ ଦେବତା ଥାଇ ପାରନ୍ତ (ଲୋକେ ଅନେକ
ବସ୍ତୁକୁ "ଦେବଗଣ" ଓ "ପ୍ରଭୁଗଣ" ବୋଲ କହୁଛନ୍ତ,
କନ୍ତୁ ତାହା ମହତ୍ତ୍ୱପୂର୍ଣ୍ଣ ନୁହେଁ।) ୬କନ୍ତୁ ଆମ୍ଭ ପାଇଁ ଜଣେ
ପରମେଶ୍ୱର ଅଛନ୍ତ। ସେ ଆମ୍ଭର ପରମପିତା। ସମସ୍ତ
ବଷୟ ତାହାଙ୍କଠାରୁ ଆସେ, ଓ ଆମ୍ଭେ ତାହାଙ୍କ ପାଇଁ
ଜୀବତ ଅଛୁ। ପ୍ରଭୁ କେବଳ ଜଣେ। ସେ ଯୀଶୁ ଖ୍ରୀଷ୍ଟ
ଅଟନ୍ତ। ପ୍ରତ୍ୟେକ ବଷୟ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ନର୍ମିତ, ଓ
ସେ ଆମ୍ଭମାନଙ୍କୁ ଜୀବନ ଦେଇଛନ୍ତ।

୭କନ୍ତୁ ଏହ ଜ୍ଞାନ ସମସ୍ତଙ୍କ ପାଖରେ ନାହିଁ। କେତେକ
ଲୋକ ପୂର୍ବ ଅଭ୍ୟାସ ଯୋଗୁ ଏବେ ସୁଦ୍ଧା ମୂର୍ତ୍ତି ଉପାସନା
କରନ୍ତ। ଏବଂ ମାଂସ ଖାଇବା ବେଳେ, ତାହା ମୂର୍ତ୍ତି
ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏ ପ୍ରସାଦ ବୋଲ ମନେ
କରନ୍ତ। ଏହ ମାଂସ ଖାଇବା ଉଚତ କ ନୁହେଁ, ଏ
ସମ୍ବନ୍ଧରେ ସେମାନଙ୍କର ନଶ୍ଚିତ ବୋଧ ନାହିଁ। ଅତଏବ,
ଖାଇଲା ବେଳେ ନଜେ ନଜକୁ ଦୋଷୀ ମନେ କରନ୍ତ।
୮ଖାଦ୍ୟ ଆମ୍ଭକୁ ପରମେଶ୍ୱରଙ୍କ ନକଟବର୍ତ୍ତୀ କରାଏ ନାହିଁ।
ଖାଦ୍ୟ ନ ଖାଇବା ଦ୍ୱାରା ପରମେଶ୍ୱରଙ୍କ ସହ ଆମ୍ଭର
ସଂପର୍କରେ କ୍ଷତି ହୁଏ ନାହିଁ, ଓ ଖାଇବା ଦ୍ୱାରା ଆମ୍ଭର
କଛି ଲାଭ ମଧ୍ୟ ହୁଏ ନାହିଁ।

୯କନ୍ତୁ ନଜର ସ୍ୱାଧୀନତା ବଷୟରେ ସାବଧାନ ରୁହ।
ତୁମ୍ଭମାନଙ୍କର ଏହ ସ୍ୱାଧୀନତା, ଦୁର୍ବଳ ବଶ୍ୱାସୀମାନଙ୍କୁ
ପାପରେ ନ ପକାଉ। ୧୦ତୁମ୍ଭମାନଙ୍କର ହତାହତ ଜ୍ଞାନ
ଅଛି। ତେଣୁ ତୁମ୍ଭେ ଦେବ ମନ୍ଦର ଭୋଜନ ଶାଳାରେ
ବସି ଖାଇବା ପାଇଁ ଉଚତ ମନେ କରପାର। କନ୍ତୁ
କୌଣସି ଦୁର୍ବଳ ବଶ୍ୱାସୀ, ସେଠାରେ ତୁମ୍ଭମାନଙ୍କୁ ଦେଖି
ମୂର୍ତ୍ତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ମାଂସ ଖାଇବାକୁ ସାହସ
ପାଇବ। ସେ ଏପର କରବା ଭୁଲ ଜାଣି ମଧ୍ୟ ଏହାକୁ
ଖାଇବ। ୧୧ଅତଏବ ସେହ ଦୁର୍ବଳ ବଶ୍ୱାସୀ ଯାହା ନମନ୍ତେ
ଯୀଶୁ ଖ୍ରୀଷ୍ଟ ପ୍ରାଣ ତ୍ୟାଗ କରଛନ୍ତ, ତାହାର ଆତ୍ମିକ ପତନ
ପାଇଁ ତୁମ୍ଭେ ଦାୟୀ ହେବ। ୧୨ତୁମ୍ଭେମାନେ ଖ୍ରୀଷ୍ଟୀୟ ଭାଇ
ଓ ଭଉଣୀମାନଙ୍କ ବରୁଦ୍ଧରେ ପାପ କରୁଛ, ଓ ସେମାନେ
ଭୁଲ ବୋଲ ଅନୁଭବ କରୁଥିବା କାମଗୁଡ଼କ କରବାକୁ
ଉତ୍ସାହତ କର ସେମାନଙ୍କ ବବେକକୁ ଆଘାତ ଦେଉଛ।
ଏହା ଦ୍ୱାରା ତୁମ୍ଭେମାନେ ଖ୍ରୀଷ୍ଟଙ୍କ ବରୁଦ୍ଧରେ ମଧ୍ୟ ପାପ
କରୁଛ। ୧୩ଯଦ ମୋର ମାଂସ ଖାଇବା ଦ୍ୱାରା ମୋ ଭାଇ
ପାପରେ ପଡ଼ବ, ତା'ହେଲେ ମୁଁ ଭବଷ୍ୟତରେ ଆଉ ମାଂସ
ଖାଇବ ନାହିଁ। ଏପ୍ରକାରେ ମୁଁ ମୋ ଭାଇର ବଘ୍ନର କାରଣ
ହେବ ନାହିଁ।

୯ ମୁଁ ଜଣେ ସ୍ୱାଧୀନ ବ୍ୟକ୍ତ। ମୁଁ ଜଣେ ପ୍ରେରତ। ମୁଁ
ଆମ୍ଭମାନଙ୍କର ପ୍ରଭୁ ଯୀଶୁଙ୍କୁ ଦେଖିଛି। ପ୍ରଭୁଙ୍କ
ନମନ୍ତେ ମୋ କାର୍ଯ୍ୟର ଫଳ ସ୍ୱରୂପେ ତୁମ୍ଭେମାନେ
ପରବର୍ତ୍ତତ ହୋଇଛ। ୨ଅନ୍ୟମାନେ ମୋତେ ପ୍ରେରତ
ବୋଲ ଗ୍ରହଣ ନ କର ପାରନ୍ତ, କନ୍ତୁ ତୁମ୍ଭେମାନେ
ମୋତେ ପ୍ରେରତ ବୋଲ ନଶ୍ଚିତ ଭାବରେ ଗ୍ରହଣ କରୁଛ।
ମୁଁ ଯେ ପ୍ରଭୁଙ୍କର ଜଣେ ପ୍ରେରତ, ତୁମ୍ଭେମାନେ ଏଥିର
ପ୍ରମାଣ ଅଟ।

୩କେତେକ ମୋର ବଚାର କରବାକୁ ଇଚ୍ଛା କରନ୍ତ।
ସେମାନଙ୍କ ପାଇଁ ମୋର ଉତ୍ତର ଏହ ଯେ, ୪ଆମ୍ଭର
ଖାଇବା ଓ ପିଇବା ପାଇଁ କ'ଣ ଅଧିକାର ନାହିଁ? ୫ଜଣେ
ବଶ୍ୱାସିନୀ ପତ୍ନୀକୁ ଯାତ୍ରାବେଳେ ସଙ୍ଗରେ ନେଇ ଯିବା
ପାଇଁ କଣ ଆମ୍ଭର ଅଧିକାର ନାହିଁ? ଅନ୍ୟ ପ୍ରେରତମାନେ,
ପ୍ରଭୁଙ୍କର ଭାଇମାନେ ଓ କେଫାତ ଏପର କରୁଛନ୍ତ।
୬ଆଉ କେବଳ ବର୍ଣ୍ଣବ୍ବା ଓ ମୁଁ ନଜ ନଜର ଜୀବକା
ପାଇଁ କାମ କରୁଥିବୁ? ୭ସେନାବାହନୀରେ କୌଣସି ସୈନକ
କ'ଣ ନଜ ଖର୍ଚ୍ଚରେ ଯୁଦ୍ଧ କରେ? କୌଣସି ଲୋକ କ'ଣ
ଅଙ୍ଗୁର ବଗିଚା ଲଗାଏ ଓ ନଜେ ଏହାର ଫଳ ଖାଏ
ନାହିଁ। ଏପର କେଉଁ ଲୋକ ଅଛି, ଯେ ମେଷପାଳନ
କର ନଜ ପାଇଁ ମେଷଦୁଧ ନଏ ନାହିଁ?

୮ଏହ କଥାଗୁଡ଼କ କେବଳ ମନୁଷ୍ୟର ଚନ୍ତାଧାରା ନୁହେଁ
ମାତ୍ର ପରମେଶ୍ୱରଙ୍କ ବ୍ୟବସ୍ଥା ମଧ୍ୟ ସେହ କଥା କୁହେ।
୯ମୋଶାଙ୍କ ବ୍ୟବସ୍ଥାରେ ଲେଖା ଅଛି: "ଖଳାରେ ବେଙ୍ଗଳା
ବୁଲାଇଲା ବେଳେ ବଳଦର ମୁହଁ ବାନ୍ଧ ନାହିଁ।"* ପରମେଶ୍ୱର
ଏହା କ'ଣ କେବଳ ବଳଦଙ୍କ ବଷୟରେ କହଲେ? ନା।
୧୦ଏହା ନଶ୍ଚିତ ଯେ ଆମ୍ଭ ବଷୟରେ ମଧ୍ୟ ଲେଖାଯାଇଛି।
କାରଣ ହଳ କରୁଥିବା ଓ ଶସ୍ୟ ପାଛୁଡୁ ଥିବା ଲୋକ,
ଉଭୟ ପରଶ୍ରମ କରଥିବା ହେତୁ, ପାଇବେ ବୋଲ ଆଶା
କରଥାନ୍ତ। ୧୧ତୁମ୍ଭମାନଙ୍କ ମଧ୍ୟରେ ଆମ୍ଭେ ଆତ୍ମିକ ବୀଜ
ବୁଣିଅଛୁ, ତେଣୁ ଜୀବକା ନର୍ବାହ ପାଇଁ ତୁମ୍ଭ ପାର୍ଥିବ
ଧନରୁ କଛି ପାଇବାକୁ କ'ଣ ଆମ୍ଭର ଅଧିକାର ନାହିଁ?
ଏହା ଆମ୍ଭର ପ୍ରାପ୍ୟ। ୧୨ଯଦ ଅନ୍ୟମାନଙ୍କର ତୁମ୍ଭଠାରେ
ଏହ ଦାବୀ ଅଛି, ତେବେ ଆମ୍ଭର କ'ଣ ଏଥିରେ ଅଧିକ
ଦାବୀ ନାହିଁ? କନ୍ତୁ ଆମ୍ଭେ ଏହ ଅଧିକାର ପ୍ରୟୋଗ
କରନାହୁଁ। ବରଂ ଖ୍ରୀଷ୍ଟଙ୍କର ସୁସମାଚାର କାର୍ଯ୍ୟ କାଳେ
ବାଧାପ୍ରାପ୍ତ ହେବ, ଏଥିପାଇଁ ଆମ୍ଭେ ସହ୍ୟ କରଅଛୁ।
୧୩ତୁମ୍ଭେମାନେ କ'ଣ ଜାଣ ନାହିଁ ଯେ, ଯେଉଁମାନେ
ମନ୍ଦରର ସେବକ ସେମାନେ ମନ୍ଦରକୁ ଅଣାଯାଇଥିବା ବଳ
ଉତ୍ସର୍ଗରୁ କଛି ଆଣି ନଜର ଜୀବକା ନର୍ବାହ କରନ୍ତ। ଓ
ଯେଉଁମାନେ ବେଦୀର ସେବାରେ ନଯୁକ୍ତ ସେମାନେ ବେଦୀକୁ
ଅଣାଯାଇଥିବା ନୈବେଦ୍ୟରୁ କଛି ଭାଗ ପାଆନ୍ତ। ୧୪ସେହ
ପ୍ରକାର ପ୍ରଭୁ ଆଜ୍ଞା ଦେଇଛନ୍ତ। ଯେ ସୁସମାଚାର ଗ୍ରହଣ
କରୁଥିବା ଲୋକମାନେ ସୁସମାଚାର ପ୍ରଚାରକମାନଙ୍କର ପ୍ରତି
ପୋଷଣର ଦାୟିତ୍ୱ ନେବେ।,

୧୫କନ୍ତୁ ମୁଁ ଉକ୍ତ ଅଧିକାରଗୁଡ଼କରୁ ଗୋଟିଏ ମଧ୍ୟ
କେବେହେଲେ ପ୍ରୟୋଗ କରନାହିଁ। ମୁଁ ମଧ୍ୟ କଛି ପାଇବା
ପାଇଁ ଚେଷ୍ଟା କରନାହିଁ। ଏହ ଉଦ୍ଦେଶ୍ୟରେ ମୁଁ ଏହା
ଲେଖି ନାହିଁ। କେହ ମୋହର ଏହ ଗର୍ବର ଅଧିକାର
ମୋଠାରୁ ଛଡ଼ାଇ ନେଇ ଗଲେ ବରଂ ମୋର ମରଯିବା
ଭଲ। ୧୬ସୁସମାଚାର ପ୍ରଚାର କରବା ପାଇଁ ମୋର ଗର୍ବ

---

**"ଖଳାରେ ... ନାହିଁ।"** ଦ୍ୱିତୀୟ ବବରଣୀ ୨୫:୪

କରିବା କିଛି ନାହିଁ। ଏହା ମୋହର କର୍ତ୍ତବ୍ୟ। ମୁଁ ଯଦି
ସୁସମାଚାର ପ୍ରଚାର ନ କରିବି, ତେବେ ମୋ ଜୀବନ
ଧିକ୍। ୧୭ତା'ପରେ ମଧ୍ୟ ଯଦି ମୁଁ ସ୍ୱେଚ୍ଛାରେ ସୁସମାଚାର
ପ୍ରଚାର କରୁଛି, ତେବେ ପୁରସ୍କାର ପାଇବା ପାଇଁ ମୁଁ
ଯୋଗ୍ୟ। କିନ୍ତୁ ତାହା ତ ନୁହେଁ। ସୁସମାଚାର ପ୍ରଚାର ପାଇଁ
ମୁଁ ବାଧ୍ୟ। ପ୍ରଭୁ ମୋତେ ଯେଉଁ ଦାୟିତ୍ୱ ଦେଇଛନ୍ତି,
କେବଳ ତାହା ମୁଁ ସମ୍ପାଦନ କରୁଛି। ୧୮ତା'ହେଲେ ମୋର
ପୁରସ୍କାର କ'ଣ? ମୋର ପୁରସ୍କାର ଏହା ଯେ ସୁସମାଚାର
ପ୍ରଚାର କଲା ବେଳେ ମୁଁ ମୁକ୍ତ ଭାବରେ ସୁସମାଚାରକୁ
ଦେଇ ପାରିବି? ଏହିପରି ସୁସମାଚାର ପ୍ରଚାର ପାଇଁ ଯେଉଁ
ପ୍ରାପ୍ୟ ମୋର ପାଇବା କଥା, ତାହା ମୁଁ ଦାବୀ କରେ
ନାହିଁ।
୧୯ମୁଁ ସ୍ୱାଧୀନ। କିନ୍ତୁ ମୁଁ ନିଜକୁ ସମସ୍ତଙ୍କ ଦାସ
କରିଛି। ଯଦ୍ଦ୍ୱାରା ମୁଁ ଅଧିକ ଲୋକଙ୍କୁ ଉଦ୍ଧାର କରି
ପାରିବି। ୨୦ଯିହୂଦୀ ଲୋକମାନଙ୍କୁ ଲାଭ କରିବା ଲାଗି ମୁଁ
ଯିହୂଦୀ ଲୋକମାନଙ୍କ ଭଳି ହେଲି। ମୁଁ ନିଜେ ବ୍ୟବସ୍ଥାର
ଅଧୀନ ନ ହେଲେ ମଧ୍ୟ ଯେପରି ବ୍ୟବସ୍ଥାଧୀନ ଲୋକଙ୍କୁ
ଉଦ୍ଧାର କରିବି, ତେଣୁ ମୁଁ ସେମାନଙ୍କ ନିକଟରେ ବ୍ୟବସ୍ଥାଧୀନ
ଲୋକଙ୍କ ଭଳି ହେଲି। ୨୧ମୁଁ ପରମେଶ୍ୱରଙ୍କ ବ୍ୟବସ୍ଥାରୁ
ମୁକ୍ତ ନୁହେଁ। ମାତ୍ର ମୁଁ ଖ୍ରୀଷ୍ଟଙ୍କ ବ୍ୟବସ୍ଥାର ଅଧୀନ।
ତଥାପି ମୁଁ ଯେପରି ବ୍ୟବସ୍ଥା ବିହୀନ ଲୋକମାନଙ୍କୁ ଉଦ୍ଧାର
କରିପାରେ, ତେଣୁ ମୁଁ ସେମାନଙ୍କ ନିକଟରେ ବ୍ୟବସ୍ଥା
ବିହୀନ ଲୋକପରି ହେଲି। ୨୨ଯେଉଁମାନେ ଦୁର୍ବଳ ସେହି
ଦୁର୍ବଳମାନଙ୍କୁ ଉଦ୍ଧାର କରିବା ପାଇଁ ମୁଁ ମଧ୍ୟ ଦୁର୍ବଳ
ହେଲି। ଯେହେତୁ ଯେଉଁ ଉପାୟରେ ହେଉ ପଛେ ମୁଁ
ଯେପରି ଅନେକ ଲୋକଙ୍କୁ ଉଦ୍ଧାର କରିପାରିବି ସେଥିପାଇଁ
ପ୍ରତ୍ୟେକ ପ୍ରକାରର ଲୋକମାନଙ୍କ ପାଇଁ ମୁଁ ସେହି
ପ୍ରକାରର ହେଲି। ୨୩ଏହା ସବୁ ମୁଁ ସୁସମାଚାର ପାଇଁ
କରୁଛି, ସୁସମାଚାର ଆଶୀର୍ବାଦରେ ମୋର ମଧ୍ୟ କିଛି ଅଂଶ
ରହିବ।

୨୪ତୁମ୍ଭେମାନେ ଜାଣ ଯେ ଦୌଡ଼ ପ୍ରତିଯୋଗିତାରେ
ସମସ୍ତେ ଦୌଡ଼ନ୍ତି, କିନ୍ତୁ ତାଙ୍କ ଭିତରୁ ମାତ୍ର ଜଣକୁ
ପୁରସ୍କାର ମିଳେ। ତୁମ୍ଭେମାନେ ଯେପରି ଜିତିବ, ସେପ୍ରକାର
ଦୌଡ଼। ୨୫ଖେଳରେ ପ୍ରତ୍ୟେକ ପ୍ରତିଯୋଗୀକୁ କଠୋର
ପ୍ରଶିକ୍ଷଣ ନେବାକୁ ହୁଏ। ସେମାନେ ମୁକୁଟ ପାଇବା ପାଇଁ
ଏହା କରନ୍ତି। ଏହି ମୁକୁଟ ଏକ ଜାଗତିକ ଓ କ୍ଷଣକାଳସ୍ଥାୟୀ
ବିଷୟ। କିନ୍ତୁ ଆମ୍ଭେ ଅକ୍ଷୟ ମୁକୁଟ ପାଇବା ପାଇଁ ଏପରି
କରୁ। ୨୬ସେଥିପାଇଁ ମୁଁ ଏକ ଲକ୍ଷ୍ୟରେ ଲକ୍ଷ୍ୟସ୍ଥଳକୁ
ଦୌଡୁଅଛି। ମୁଁ ମୁଷ୍ଟି ଯୁଦ୍ଧ କଲାପରି ଯୁଦ୍ଧ କରୁଛି, ବାୟୁ
ସଂଗେ ଯୁଦ୍ଧ କରୁନାହିଁ। ୨୭ମୁଁ ମୋର ନିଜ ଶରୀରକୁ
ଆଘାତ କରୁଛି। ମୁଁ ଏହାକୁ ମୋର କ୍ରୀତଦାସ କରୁଛି। ମୁଁ
ଏହା କରୁଛି ଯେପରି ମୁଁ ସୁସମାଚାର ପ୍ରଚାର କରିବା
ପରେ ନିଜେ ଯେପରି ପରମେଶ୍ୱରଙ୍କ ଦ୍ୱାରା ଅଗ୍ରାହ୍ୟ ନ
ହୁଏ। ଅନ୍ୟ ଲୋକମାନଙ୍କୁ ଉପଦେଶ ଦେଲା ପରେ
ଯେପରି ମୁଁ ପରମେଶ୍ୱରଙ୍କ ଦ୍ୱାରା ଅଗ୍ରାହ୍ୟ ନ ହୁଏ,
ସେଥିପାଇଁ ମୁଁ ମୋ ଶରୀରକୁ ବଶରେ ରଖୁଅଛି।

## ଯିହୂଦୀମାନଙ୍କ ଭଳି ହୁଅ ନାହିଁ

୧୦ ଭାଇ ଓ ଭଉଣୀମାନେ! ମୁଁ ଇଚ୍ଛା କରେ ଯେ,
ଆମ୍ଭର ପିତୃପୁରୁଷମାନଙ୍କ ପ୍ରତି (ଯେଉଁମାନେ
ମୋଶାଙ୍କୁ ଅନୁସରଣ କରିଥିଲେ) କ'ଣ ହେଲା ତାହା
ତୁମ୍ଭେମାନେ ଜାଣି ରଖ। ପରମେଶ୍ୱର ସେମାନଙ୍କୁ ମେଘ
ସ୍ତମ୍ଭ ଦ୍ୱାରା ସୁଫ ସାଗରକୁ ପାର କରାଇଥିଲେ। ୨ସେମାନେ
ମେଘ ଓ ସମୁଦ୍ରରେ ମୋଶାଙ୍କ ଅନୁଗାମୀ ଭାବେ ଡୁବିତ
ହୋଇଥିଲେ। ୩ସେମାନେ ଏକମାତ୍ର ଆଧ୍ୟାତ୍ମିକ ଶୈଳ
ସଦୃଶ ଖ୍ରୀଷ୍ଟଙ୍କଠାରୁ ସମାନ ଆତ୍ମିକ ଭୋଜନ କରିଥିଲେ।
୪ଓ ସମସ୍ତେ ସମାନ ଆତ୍ମିକ ପାନୀୟରୁ ପାନ କରିଥିଲେ।
ସେମାନେ ସେହି ଆତ୍ମିକ ପଥରରୁ ବାହାରିବା ପାଣି
ପିଇଥିଲେ। ସେହି ପଥର ଖ୍ରୀଷ୍ଟ ଥିଲେ। ୫କିନ୍ତୁ ସେମାନଙ୍କ
ଭିତରୁ ଅଧିକଙ୍କ ଉପରେ ପରମେଶ୍ୱର ପ୍ରସନ୍ନ ନ ଥିଲେ।
ସେଥିପାଇଁ ସେମାନେ ମରୁ ପ୍ରାନ୍ତରରେ ମରିଗଲେ।
୬ଏହି ଘଟଣାଗୁଡ଼ିକ ଆମ୍ଭ ପାଇଁ ଦୃଷ୍ଟାନ୍ତ ସ୍ୱରୂପ ଅଛି,
ଅତଏବ ଆମ୍ଭେ ସେମାନଙ୍କ ଭଳି ମନ୍ଦ କାର୍ଯ୍ୟ କରିବା
ପାଇଁ ଇଚ୍ଛା କରିବା ନାହିଁ। ୭ସେମାନଙ୍କ ଭିତରେ କେତେକଙ୍କ
ଭଳି ମୂର୍ତ୍ତିପୂଜା କରନାହିଁ। ଶାସ୍ତ୍ର କୁହେ: "ଲୋକେ
ଖାଇବା ଓ ପିଇବା ପାଇଁ ବସିଲେ ଓ ନାଚିବା ପାଇଁ
ଉଠିଲେ।"* ୮ସେମାନଙ୍କ ଭିତରୁ ଯେପରି କେତେକ
ଯୌନଗତ ପାପ କଲେ, ଆମ୍ଭେ ସେଭଳି କେବେ କରିବା
ନାହିଁ। ସେମାନେ ପାପ କରିଥିବା ହେତୁରୁ ସେମାନଙ୍କ
ଭିତରୁ ୨୩୦୦୦ ଲୋକ ଗୋଟିଏ ଦିନରେ ମରିଗଲେ।
୯ସେମାନଙ୍କ ଭଳି ଆମ୍ଭେ ଖ୍ରୀଷ୍ଟଙ୍କୁ ପରୀକ୍ଷା କରିବା ଉଚିତ
ନୁହେଁ। ପ୍ରଭୁଙ୍କୁ କରିଥିବାରୁ ସେମାନେ ସାପ କାମୁଡ଼ାରେ
ମଲେ। ୧୦ସେମାନଙ୍କ ଭିତରୁ କେତେକଙ୍କ ଭଳି ଆପତ୍ତି
ଅଭିଯୋଗ କରିବା ଉଚିତ ନୁହେଁ। ଏହି ଅଭିଯୋଗକାରୀମାନେ
ବିନାଶକାରୀ (ସ୍ୱର୍ଗଦୂତ)ଙ୍କ ହାତରେ ମଲେ।
୧୧ସେମାନଙ୍କ ପ୍ରତି ଯାହା ଘଟିଲା, ତାହା ଆମ୍ଭପାଇଁ
ଉଦାହରଣ ସ୍ୱରୂପ। ସମସ୍ତ ପ୍ରାଚୀନ ଇତିହାସରେ ଅନ୍ତିମ
ସମୟରେ, ଆମ୍ଭେ ଜୀବନଧାରଣ କରୁଛୁ। ଏହା ଆମ୍ଭମାନଙ୍କୁ
ଚେତନା ଦେବା ଉଦ୍ଦେଶ୍ୟରେ ଲେଖା ଯାଇଛି। ୧୨ଅତଏବ,
ଯେଉଁଲୋକ ଭାବୁଛି ଯେ, ସେ ଦୃଢ଼ ଭାବରେ ଠିଆ
ହୋଇଛି, ଯେପରି ସେ ଖସି ନ ପଡ଼େ ଏଥିପାଇଁ ସତର୍କ
ରହୁ। ୧୩କେବଳ ତୁମ୍ଭମାନଙ୍କ ପ୍ରତି ଯେସବୁ ପରୀକ୍ଷା
ଆସୁଅଛି, ପ୍ରତ୍ୟେକଙ୍କ ନିମନ୍ତେ ମଧ୍ୟ ଏପରି ପରୀକ୍ଷା
ଆସିଥାଏ। କିନ୍ତୁ ତୁମ୍ଭେମାନେ ପରମେଶ୍ୱରଙ୍କ ଠାରେ ବିଶ୍ୱାସ
ରଖିପାର। ସେ କେବେହେଲେ ତୁମ୍ଭମାନଙ୍କୁ ଅସହ୍ୟ ପରୀକ୍ଷାରେ
ପଡ଼ିବାକୁ ଦେବେ ନାହିଁ। କିନ୍ତୁ ଯେତେବେଳେ ତୁମ୍ଭେମାନେ
ପ୍ରଲୋଭନର (ପରୀକ୍ଷାର) ସମ୍ମୁଖୀନ ହେବ, ସେତେବେଳେ
ପରମେଶ୍ୱର ତୁମ୍ଭମାନଙ୍କୁ ରକ୍ଷା ପାଇବାର ବାଟ ମଧ୍ୟ
ଦେଖାଇ ଦେବେ। ତା'ହେଲେ ତୁମ୍ଭେମାନେ ସମସ୍ତ କିଛି
ସହି ପାରିବ।
୧୪ମୋର ପ୍ରିୟ ବନ୍ଧୁଗଣ! ଶେଷରେ ମୁଁ କହୁଛି ଯେ,
ମୂର୍ତ୍ତି ପୂଜାରୁ ଦୂରରେ ରୁହ। ୧୫ତୁମ୍ଭେମାନେ ବୁଦ୍ଧିମାନ,

---

**"ଲୋକେ ... ଉଠିଲେ"** ଯାତ୍ରାପୁସ୍ତକ ୩୨:୬

ତେଣୁ ମୁଁ ଏହା କହୁଛି। ମୁଁ ଯାହା କହୁଛି, ତୁମ୍ଭେମାନେ
ନିଜେ ପରୀକ୍ଷା କରିଦେଖ। ୧୬ଯେଉଁ ଆଶୀର୍ବାଦର ପିଆଲା
ପାଇଁ ଆମ୍ଭେ ଧନ୍ୟବାଦ ଅର୍ପଣ କରୁ, ତହିଁରେ ଆମ୍ଭେ
ଖ୍ରୀଷ୍ଟଙ୍କ ରକ୍ତର ସହଭାଗୀ ହେଉ ନାହୁଁ କି? ଯେଉଁ
ରୋଟୀ ଆମ୍ଭେ ଭାଙ୍ଗୁ ତାହା ଖ୍ରୀଷ୍ଟଙ୍କ ଶରୀରର ଅଂଶ
ନୁହେଁ କି? ୧୭କେବଳ ଗୋଟିଏ ରୋଟୀ ମାତ୍ର ଆମ୍ଭେମାନେ
ଅନେକ ଲୋକ। କିନ୍ତୁ ଆମ୍ଭେ ସମସ୍ତ ସେହି ଗୋଟିଏ
ରୋଟୀକୁ ଭାଗ ଭାଗ କରି ଖାଉ। ସେଥିପାଇଁ ଆମ୍ଭେ
ପ୍ରକୃତରେ ଗୋଟିଏ ଶରୀର।
୧୮ଇସ୍ରାୟେଲ ଲୋକମାନଙ୍କ କଥା ଭାବ। ସେମାନେ
ବଳି ପ୍ରାପ୍ତ ପଶୁ ମାଂସ ଭୋଜନ କରି କ'ଣ ବେଦୀର
ଅଂଶୀଦାର ନୁହଁନ୍ତି? ୧୯ମୁଁ କହୁ ନାହିଁ ଯେ ମୂର୍ତ୍ତି ବା ମୂର୍ତ୍ତି
ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଖାଦ୍ୟର ଗୁରୁତ୍ୱ ଅଛି। ଏବଂ ମୁଁ
ଏହା ମଧ୍ୟ କହୁନାହିଁ ମୂର୍ତ୍ତିଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ। ୨୦କିନ୍ତୁ ମୋ
କହିବା କଥା ଯେ, ତୁମ୍ଭେମାନେ ଭୂତମାନଙ୍କ ସହିତ
କୌଣସି କାର୍ଯ୍ୟରେ ଅଂଶ ଗ୍ରହଣ ନ କର। କିନ୍ତୁ ମୁଁ
କୁହେ ଯାହା ମୂର୍ତ୍ତିଗୁଡ଼ିକୁ ବଳି ରୂପେ ଉତ୍ସର୍ଗ କରାଯାଇଥାଏ
ତାହା ଶୟତାନକୁ ଉତ୍ସର୍ଗ କରାଯାଇଥାଏ, ପରମେଶ୍ୱରଙ୍କୁ
ନୁହେଁ। ଏବଂ ମୁଁ ଚାହେଁ ତୁମ୍ଭେମାନେ ଶୟତାନ ସହିତ
ଅଂଶୀଦାର ହୁଅନାହିଁ। ୨୧ତୁମ୍ଭେମାନେ ପ୍ରଭୁଙ୍କ ପିଆଲାରୁ*
ଓ ଶୟତାନର ପିଆଲାରୁ ମଧ୍ୟ ପିଇ ପାରିବ ନାହିଁ।
ସେହିପରି ପ୍ରଭୁଙ୍କ ମେଜ ଓ ଶୟତାନର ମେଜ ଉଭୟର
ଅଂଶୀଦାର ହୋଇ ବସି ପାରିବ ନାହିଁ। ୨୨ଆମ୍ଭେ କ'ଣ
ପ୍ରଭୁଙ୍କୁ ବିରକ୍ତ କରିବାକୁ ଇଚ୍ଛା କରୁ? ଆମ୍ଭେ କ'ଣ
ତାହାଙ୍କ ଠାରୁ ଅଧିକ ବଳବାନ? ନା!

## ପ୍ରଭୁଙ୍କର ଗୌରବ ପାଇଁ ନିଜ ସ୍ୱାଧୀନତାର ବ୍ୟବହାର କର

୨୩"ଆମ୍ଭେ ସବୁ କରିବା ପାଇଁ ସ୍ୱାଧୀନତା ପାଇଛୁ।"
କିନ୍ତୁ ସବୁ ବିଷୟ ଭଲ ନୁହେଁ। "ଆମ୍ଭେ ସବୁ କରିବା
ପାଇଁ ସ୍ୱାଧୀନତା ପାଇଛୁ।" କିନ୍ତୁ କେତେକ ବିଷୟ
ଅନ୍ୟମାନଙ୍କ ବିଶ୍ୱାସକୁ ଦୃଢ଼ କରିବାରେ ସାହାଯ୍ୟ କରେ
ନାହିଁ। ୨୪କୌଣସି ଲୋକ କେବଳ ନିଜର ସ୍ୱାର୍ଥ ପାଇଁ
ଚିନ୍ତିତ ହେବା ଉଚିତ ନୁହେଁ, ବରଂ ସେ ଅନ୍ୟମାନଙ୍କର
ମଙ୍ଗଳ ଚିନ୍ତା କରିବା ଉଚିତ।
୨୫ବଜାରରେ ଯାହା ବିକ୍ରି ହେଉଛି ସେସବୁ ମାଂସ
ତୁମ୍ଭେ ଖାଇପାର। ନିଜ ବିବେକ ସକାଶେ ଏହି ମାଂସ
ଖାଇବା ଉଚିତ କି ନୁହେଁ, ସେ ବିଷୟରେ କୌଣସି ପ୍ରଶ୍ନ
ପଚାର ନାହିଁ। ୨୬ତୁମ୍ଭେ ଖାଇପାର କାରଣ "ପୃଥିବୀ ଓ
ତନ୍ମଧ୍ୟସ୍ଥ ପ୍ରତ୍ୟେକ ବିଷୟ ପ୍ରଭୁଙ୍କର ଅଟେ।"*

୨୭ଜଣେ ଅବିଶ୍ୱାସୀ ଲୋକ ତୁମ୍ଭମାନଙ୍କୁ ଭୋଜନ ପାଇଁ
ଡ଼ାକି ପାରେ। ଯଦି ତୁମ୍ଭେମାନେ ଯିବାକୁ ସ୍ଥିର କର, ଯାହା
ତୁମ୍ଭମାନଙ୍କ ଆଗରେ ଥୁଆ ହୋଇଛି, ତାହା ଖାଅ। ୨୮ଏହା
ଭଲ କି ମନ୍ଦ କୌଣସି ପ୍ରଶ୍ନ ନ କରି ଖାଦ୍ୟ ଭୋଜନ
କର। କିନ୍ତୁ ଯଦି ତୁମ୍ଭମାନଙ୍କୁ ଜଣେ କୁହେ: "ଏହି ଖାଦ୍ୟ
ମୂର୍ତ୍ତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇଛି।" ତାହାହେଲେ
ସେ ଖାଦ୍ୟ ଖାଅ ନାହିଁ। ପ୍ରଥମ କାରଣ ହେଲା, ଯିଏ
ଏହା କହିଛି ତା'ର ବିଶ୍ୱାସକୁ ତୁମ୍ଭେମାନେ ଆଘାତ ନ
ଦେବା ପାଇଁ ଖାଅ ନାହିଁ ଓ ଦ୍ୱିତୀୟ କାରଣ ହେଲା ଏହି
ମାଂସ (ପ୍ରସାଦ) ଖାଇବା ଅନୁଚିତ ବୋଲି କେତେକ ମତ
ଦିଅନ୍ତି। ୨୯ତୁମ୍ଭେମାନେ ଏହାକୁ ଭୁଲ ବିବେଚନା କରି
ବୋଲି ମୁଁ ତୁମ୍ଭମାନଙ୍କୁ କହୁନାହିଁ କିନ୍ତୁ ଅନ୍ୟ ଲୋକ
ଏହାକୁ ବିବେଚନା କରୁ ଥିବାରୁ ମୁଁ ଏହାକୁ ଖାଇବି ନାହିଁ।
ଅନ୍ୟର ମନୋଭାବ ହେତୁ ମୋ ନିଜର ସ୍ୱାଧୀନତାରେ
ଆଞ୍ଚ ଆଣିବାକୁ ଇଚ୍ଛା କରୁ ନାହିଁ। ୩୦କାରଣ ପରମେଶ୍ୱରଙ୍କୁ
ଧନ୍ୟବାଦ ଦେଇ ସାରି ଭୋଜନ କରିଥିବା ଯୋଗୁଁ ମୁଁ
ସମାଲୋଚିତ ହେବା ଅନୁଚିତ।
୩୧ଅତଏବ, ଯେତେବେଳେ ତୁମ୍ଭେମାନେ ଖାଅ, ପିଅ ବା
ଅନ୍ୟ ଯାହା କିଛି କର, ପରମେଶ୍ୱରଙ୍କ ମହିମା ପାଇଁ
କରିବା ଉଚିତ। ୩୨ଏଭଳି କୌଣସି କାମ କର ନାହିଁ,
ଯାହା ଦ୍ୱାରା ଯିହୂଦୀ ବା ଅଣଯିହୂଦୀଲୋକେ ବା ପରମେଶ୍ୱରଙ୍କ
ମଣ୍ଡଳୀ ବାଧା ପାଇବେ। ୩୩ମୁଁ ଏହି ନୀତି ଅନୁସରଣ
କରେ। ମୁଁ ନିଜକୁ ଖୁସି ରଖିବା ପାଇଁ ଚେଷ୍ଟା କରେ
ନାହିଁ, ମାତ୍ର ପ୍ରତ୍ୟେକଙ୍କୁ ସମସ୍ତ କାର୍ଯ୍ୟରେ ସନ୍ତୁଷ୍ଟ କରିବାକୁ
ଚାହେଁ। ମୁଁ ଅନେକଙ୍କର ମଙ୍ଗଳ ଚିନ୍ତାକରେ ଯଦ୍ୱାରା
ସେମାନେ ପରିତ୍ରାଣ ପାଇ ପାରିବେ।
୧୧ ମୁଁ ଯେପରି ଖ୍ରୀଷ୍ଟଙ୍କ ଅନୁସରଣ କରୁଛି,
ତୁମ୍ଭେମାନେ ସେପରି ଅନୁସରଣ କର।

## ଅଧୀନରେ ରହିବା

୨ମୁଁ ତୁମ୍ଭମାନଙ୍କର ପ୍ରଶଂସା କରୁଛି କାରଣ ତୁମ୍ଭେମାନେ
ମୋତେ ସମସ୍ତ ବିଷୟରେ ମନେ ପକାଉ ଅଛ। ମୁଁ
ଯେଉଁ ଉପଦେଶ ଗୁଡ଼ିକ ଦେଇଥିଲି ସେ ଗୁଡ଼ିକୁ ସ୍ମରଣରେ
ରଖି ପାଳନ କରୁଛ। ୩ମୁଁ ତୁମ୍ଭମାନଙ୍କୁ ଏହା ବୁଝାଇବା
ପାଇଁ ଇଚ୍ଛା କରେ: ପ୍ରତ୍ୟେକ ପୁରୁଷଲୋକର ମସ୍ତକ
ହେଉଛନ୍ତି ଖ୍ରୀଷ୍ଟ, ସ୍ତ୍ରୀଲୋକର ମସ୍ତକ ହେଉଛନ୍ତି ପୁରୁଷ ଓ
ଖ୍ରୀଷ୍ଟଙ୍କର ମସ୍ତକ ହେଉଛନ୍ତି ପରମେଶ୍ୱର। ୪ଯେ କୌଣସି
ପୁରୁଷଲୋକମସ୍ତକ ଆଚ୍ଛାଦନ କରି ପ୍ରାର୍ଥନା କରେ ବା
ଭବିଷ୍ୟଦ୍‌ବାଣୀ କହେ, ସେ ନିଜ ମସ୍ତକର ଅପମାନ
କରେ। ୫ପ୍ରତ୍ୟେକ ସ୍ତ୍ରୀ ମସ୍ତକ ଆଚ୍ଛାଦନ କରି ଭବିଷ୍ୟଦ୍‌ବାଣୀ
ଓ ପ୍ରାର୍ଥନା କରିବା ଉଚିତ। ଯଦି କୌଣସି ସ୍ତ୍ରୀ ମସ୍ତକ
ଆଚ୍ଛାଦନ ନ କରି ପ୍ରାର୍ଥନା କରେ ବା ଭବିଷ୍ୟଦ୍‌ବାଣୀ
କହେ, ସେ ନିଜର ମସ୍ତକର ଅପମାନ କରେ। ଏହା
ସେହି ସ୍ତ୍ରୀଲୋକ ଭଳି ଯାହାର ମୁଣ୍ଡରେ ବାଳ ନାହିଁ।
୬ଯଦି କୌଣସି ସ୍ତ୍ରୀ ମସ୍ତକ ଆଚ୍ଛାଦନ କରେ ନାହିଁ,
ତା'ହେଲେ ଏହା ସେ ମସ୍ତକର କେଶ କାଟିପକାଇବା
ସଙ୍ଗେ ସମାନ। ମାତ୍ର କେଶ କାଟିବା ଓ ମସ୍ତକ ମୁଣ୍ଡନ

---

**ପିଆଲା** ଖ୍ରୀଷ୍ଟଧର୍ମାବଲମ୍ବୀମାନେ ପ୍ରଭୁଙ୍କର ଶେଷ ରାତ୍ରଭୋଜନ ବେଳେ, ପରମେଶ୍ୱରଙ୍କୁ ଧନ୍ୟବାଦ ଜଣାଇବା ଉଦ୍ଦେଶ୍ୟରେ ପିଉଥିବା ପିଆଲା।

**"ପୃଥିବୀ ... ଅଟେ"** ଗୀତସଂହିତା ୨୪:୧, ୫୦:୧୨, ୮୯:୧୧

କରିବା ସ୍ତ୍ରୀ ପକ୍ଷରେ ଲଜ୍ଜାଜନକ, ତେଣୁ ସେ ମସ୍ତକ
ଆଚ୍ଛାଦନ କରିବା ଉଚିତ। ୭କିନ୍ତୁ ଜଣେ ପୁରୁଷ ନିଜର
ମସ୍ତକ ଆଚ୍ଛାଦନ କରିବା ଅନୁଚିତ, କାରଣ ସେ ପରମେଶ୍ୱରଙ୍କ
ପ୍ରତିମୂର୍ତ୍ତିରେ ସୃଷ୍ଟି ତାହାଙ୍କର ଗୌରବ ଅଟେ। କିନ୍ତୁ ଜଣେ
ସ୍ତ୍ରୀ ପୁରୁଷର ଗୌରବ ସ୍ୱରୂପ ଅଟେ। ୮ପୁରୁଷ ସ୍ତ୍ରୀ ଠାରୁ
ଆସି ନାହିଁ। ସ୍ତ୍ରୀ ପୁରୁଷଠାରୁ ଆସିଛି। ୯ପୁରୁଷ ସ୍ତ୍ରୀ ପାଇଁ
ସୃଷ୍ଟି ହୋଇ ନ ଥିଲା; ବରଂ ସ୍ତ୍ରୀ ପୁରୁଷ ପାଇଁ ସୃଷ୍ଟି
ହୋଇଥିଲା। ୧୦ଜଣେ ସ୍ତ୍ରୀ ଅଧୀନତାର ଚିହ୍ନ ସ୍ୱରୂପେ
ଆପଣା ମସ୍ତକ ଆଚ୍ଛାଦନ କରିବା ଉଚିତ। ସ୍ୱର୍ଗଦୂତମାନଙ୍କ
ଲାଗି ମଧ୍ୟ ସେ ଏହା କରିବା ଉଚିତ।

୧୧କିନ୍ତୁ ପ୍ରଭୁଙ୍କ ଦୃଷ୍ଟିରେ, ପୁରୁଷ ଠାରୁ ସ୍ତ୍ରୀ ସ୍ୱତନ୍ତ୍ର
ନୁହେଁ, ଓ ସ୍ତ୍ରୀ ଠାରୁ ପୁରୁଷ ସ୍ୱତନ୍ତ୍ର ନୁହେଁ। ୧୨କାରଣ,
ଯେପରି ପୁରୁଷ ଠାରୁ ସ୍ତ୍ରୀ ଆସିଛି, ସେହିପରି ସ୍ତ୍ରୀଠାରୁ
ପୁରୁଷ ଜନ୍ମ ଗ୍ରହଣ କରିଛି। ପ୍ରକୃତରେ ପ୍ରତ୍ୟେକ ବିଷୟ
ପରମେଶ୍ୱରଙ୍କ ଠାରୁ ଆସିଛି। ୧୩ଜଣେ ସ୍ତ୍ରୀ ମସ୍ତକ
ଆଚ୍ଛାଦନ ନ କରି ପରମେଶ୍ୱରଙ୍କୁ ପ୍ରାର୍ଥନା କରିବା କ'ଣ
ଉଚିତ୍ କି? ଏହା ତୁମ୍ଭେମାନେ ନିଜେ ନିର୍ଣ୍ଣୟ କର।
୧୪ପ୍ରକୃତି କ'ଣ ତୁମ୍ଭକୁ ଶିକ୍ଷା ଦେଇ ନାହିଁ ଯେ, କୌଣସି
ପୁରୁଷ ବଡ଼ ବଡ଼ ବାଳ ରଖିବା ଲଜ୍ଜାଜନକ କଥା? ୧୫କିନ୍ତୁ
ଯଦି ଜଣେ ସ୍ତ୍ରୀର ଲମ୍ବା ବାଳ ଅଛି, ଏହା ତା'ପାଇଁ
ଗୌରବର ବିଷୟ। ମସ୍ତକ ଆଚ୍ଛାଦନ କରିବା ପାଇଁ ସ୍ତ୍ରୀକୁ
ଦୀର୍ଘ କେଶ ପ୍ରଦାନ କରାଯାଇଛି। ୧୬ଯଦି କିଏ ଏହି
ବିଷୟରେ ଯୁକ୍ତି ତର୍କ କରିବା ପାଇଁ ଇଚ୍ଛାକରେ, ତେବେ
ଆମ୍ଭେ କହିବୁ ଯେ, ଲୋକମାନଙ୍କ ଏପ୍ରକାର କାର୍ଯ୍ୟକଳାପକୁ
ଆମ୍ଭେ ବା ପରମେଶ୍ୱରଙ୍କ ମଣ୍ଡଳୀ ସ୍ୱୀକୃତ ଦେବ ନାହିଁ।

**ପ୍ରଭୁଭୋଜ**

୧୭ବର୍ତ୍ତମାନ ମୁଁ ଯେଉଁ ବିଷୟରେ ତୁମ୍ଭମାନଙ୍କୁ କହୁଛି,
ସେଥିପାଇଁ ମୁଁ ତୁମ୍ଭମାନଙ୍କର ପ୍ରଶଂସା କରୁ ନାହିଁ। ତୁମ୍ଭମାନଙ୍କର
ସମବେତ ସଭାଗୁଡ଼ିକ ତୁମ୍ଭମାନଙ୍କ ମଙ୍ଗଳ କରିବା ପରିବର୍ତ୍ତେ
କ୍ଷତିକାରକ ହେଉଛି। ୧୮ପ୍ରଥମେ ମୁଁ ଶୁଣିଛି ଯେ, ତୁମ୍ଭେମାନେ
ମଣ୍ଡଳୀ ସଭାରେ ସମବେତ ହେଲାବେଳେ ତୁମ୍ଭମାନଙ୍କ
ମଧ୍ୟରେ ଦଳ ଭେଦ ଘଟେ। ୧୯କେତେକାଂଶରେ ମୁଁ
ଏହାକୁ ବିଶ୍ୱାସ କରେ। (ତୁମ୍ଭମାନଙ୍କ ମଧ୍ୟରେ ମତଭେଦ
ହେବା ଆବଶ୍ୟକ କାରଣ ଏହା ଦ୍ୱାରା ଯେଉଁମାନଙ୍କ ମତ
ଠିକ୍ ତାହା ସ୍ପଷ୍ଟ ରୂପେ ଜଣାଯିବ) ୨୦ଅତଏବ, ତୁମ୍ଭେମାନେ
ଯେତେବେଳେ ମଣ୍ଡଳୀରେ ସମବେତ ହୁଅ, ତୁମ୍ଭେମାନେ
ପ୍ରକୃତରେ ପ୍ରଭୁଭୋଜ* ପାଳନ କରି ନ ଥାଅ। ୨୧କାରଣ
ତୁମ୍ଭେମାନେ ଖାଇଲାବେଳେ ଅନ୍ୟମାନଙ୍କ ପାଇଁ ଅପେକ୍ଷା ନ
କରି ନିଜ ନିଜର ଭୋଜ ଖାଅ। ଫଳତଃ, କେହି କେହି
ଯଥେଷ୍ଟ ଖାଇବା ଓ ପିଇବାକୁ ପାଆନ୍ତି ନାହିଁ, ଅପରପକ୍ଷରେ
ଅନ୍ୟମାନେ ଅତ୍ୟଧିକ ଖାଇପିଇ ମାତାଲ ହୋଇ ଯାଆନ୍ତି।
୨୨ତୁମ୍ଭେମାନେ ନିଜ ନିଜର ଘରେ ଖାଇ ପିଇ ପାରିବ।
ତୁମ୍ଭମାନଙ୍କ ପାଇଁ ପରମେଶ୍ୱରଙ୍କ ମଣ୍ଡଳୀର ଯେପରି ଗୁରୁତ୍ୱ
ନାହିଁ, ଏହି କାର୍ଯ୍ୟରୁ ଜଣାପଡ଼େ। ତୁମ୍ଭେମାନେ ଦରିଦ୍ର
ଲୋକଙ୍କୁ ଲଜ୍ଜା ଦେଉଛ। ମୁଁ ତୁମ୍ଭମାନଙ୍କୁ କ'ଣ ବା
କହିବି? ଏହି କାମ ପାଇଁ କ'ଣ ମୁଁ ତୁମ୍ଭମାନଙ୍କ ପ୍ରଶଂସା
କରିବି? ନା। ଏଥିପାଇଁ ମୁଁ ତୁମ୍ଭମାନଙ୍କୁ ପ୍ରଶଂସା କରିବି
ନାହିଁ।

୨୩ଯେଉଁ ଶିକ୍ଷା ମୁଁ ପ୍ରଭୁଙ୍କ ଠାରୁ ଗ୍ରହଣ କରିଥିଲି,
ସେହି ସମାନ ଶିକ୍ଷା ତୁମ୍ଭମାନଙ୍କୁ ଦେଲି। ଯେଉଁ ରାତିରେ
ଯୀଶୁଙ୍କୁ ମାରିଦେବା ଲାଗି ଧରାଇ ଦିଆଯାଇଥିଲା। ସେହି
ରାତିରେ ସେ ରୋଟୀ ନେଲେ ଓ ତା' ପାଇଁ ଧନ୍ୟବାଦ
ଦେଇଥିଲେ। ୨୪ତା'ପରେ ସେହି ରୋଟୀକୁ ଛିଣ୍ଡାଇ ସେ
କହିଲେ: "ଏହା ତୁମ୍ଭମାନଙ୍କ ନିମନ୍ତେ ମୋର ଶରୀର।
ମୋତେ ମନେ ପକାଇବା ଲାଗି ତୁମ୍ଭେମାନେ ଏହା କର।"
୨୫ସେହିପରି ସେମାନେ ଖାଇ ସାରିଲା ପରେ, ସେ
ପାନପାତ୍ର ନେଲେ ଓ କହିଲେ: "ଏହି ପାନପାତ୍ର ମୋହର
ରକ୍ତରେ ସ୍ଥାପିତ ନୂତନ ଚୁକ୍ତିର ନିଦର୍ଶନ। ତୁମ୍ଭେମାନେ
ଯେତେଥର ଏହି ପାତ୍ରକୁ ପାନ କରିବ, ମୋତେ ମନେ
ପକାଇବା ପାଇଁ ତାହା କରିବ।" ୨୬ପ୍ରତ୍ୟେକ ଥର ଏହି
ରୋଟୀ ଖାଇଲାବେଳେ ଓ ଏହି ପାନପାତ୍ରରୁ ପାନ କଲାବେଳେ,
ପ୍ରଭୁଙ୍କ ଦିନ ଆସିବା ପର୍ଯ୍ୟନ୍ତ, ପ୍ରଭୁଙ୍କ ମୃତ୍ୟୁର ଘୋଷଣା
କରୁଥିବ।

୨୭ଅତଏବ, ଯେଉଁଲୋକ ରୋଟୀ ଓ ପ୍ରଭୁଙ୍କର ପିଆଲାରୁ
ଅନୁଚିତ ଭାବରେ ଗ୍ରହଣ କରେ, ସେ ପ୍ରଭୁଙ୍କର ଶରୀର
ଓ ରକ୍ତର ଅବମାନନା କରେ। ୨୮ପ୍ରତ୍ୟେକଲୋକ ରୋଟୀ
ଖାଇବା ପୂର୍ବରୁ ଓ ପିଆଲାରୁ ପିଇବା ପୂର୍ବରୁ ନିଜ ହୃଦୟ
(ନିଜକୁ) ପରୀକ୍ଷା କରିନେବା ଦରକାର। ୨୯ଯଦି ଜଣେ
ପ୍ରଭୁଙ୍କ ଶରୀରକୁ ବିଶେଷ ନ ମଣି ଏହି ରୋଟୀକୁ ଖାଏ
ଓ ଏହି ପିଆଲାରୁ ପିଏ, ତା'ହେଲେ ସେ ଏହା ଖାଇବା ଓ
ପିଇବା ଦ୍ୱାରା ଦୋଷୀ ସାବ୍ୟସ୍ତ ହୁଏ। ୩୦ସେଥିପାଇଁ
ତୁମ୍ଭମାନଙ୍କ ମଧ୍ୟରେ ଅନେକ ଦୁର୍ବଳ ଓ ରୋଗୀ ଅଛନ୍ତି
ଓ ଅନେକ ମୃତ ହେଲେଣି। ୩୧କିନ୍ତୁ ଯଦି ଆମ୍ଭେ ନିଜକୁ
ପରୀକ୍ଷା କରି ନେବା, ତା' ହେଲେ ଆମ୍ଭକୁ ପ୍ରଭୁଙ୍କ ଦ୍ୱାରା
ବିଗ୍ଭରିତ ହେବାକୁ ପଡ଼ିବ ନାହିଁ। ୩୨ପ୍ରଭୁ ଯେତେବେଳେ
ଆମ୍ଭର ବିଗ୍ଭର କରନ୍ତି, ସେ ଠିକ୍ ବାଟ ଦେଖାଇବା ଲାଗି
ଆମ୍ଭ ପ୍ରତି ଦଣ୍ଡ ବିଧାନ କରନ୍ତି। ଆମ୍ଭେ ଯେପରି ଜଗତର
ଅବଶିଷ୍ଟ ଲୋକମାନଙ୍କ ସହିତ ଦଣ୍ଡାଜ୍ଞା ପାଇବୁ ନାହିଁ,
ସେଥିଲାଗି ସେ ଏପରି କରନ୍ତି।

୩୩ଅତଏବ, ହେ ଭାଇ ଓ ଭଉଣୀମାନେ! ଯେତେବେଳେ
ଭୋଜନ କରିବା ପାଇଁ ତୁମ୍ଭେମାନେ ଏକାଠି ଆସିଛ,
ପରସ୍ପର ଏକଆରେକ ଲାଗି ଅପେକ୍ଷା କର। ୩୪ଯଦି
କାହାକୁ ବହୁତ ଭୋକ ଲାଗୁଛି, ସେ ଘରେ ଖାଇ ଦେବା
ଉଚିତ, ଯଦ୍ଦ୍ୱାରା ପ୍ରଭୁଭୋଜ ସଭାରେ ତୁମ୍ଭମାନଙ୍କ ଆଚରଣ
ହେତୁ ପ୍ରଭୁଙ୍କ ଦ୍ୱାରା ବିଗ୍ଭରିତ ହେବ ନାହିଁ। ମୁଁ ଯେବେ
ଆସିବି, ଅବଶିଷ୍ଟ ବିଷୟରେ କ'ଣ କରିବାକୁ ହେବ
କହିବି।

---

**ପ୍ରଭୁଭୋଜ** ଏକ ବିଶେଷ ଭୋଜନ ଯାହା ଯୀଶୁ ତାଙ୍କ ଶିଷ୍ୟମାନଙ୍କ ସହିତ ମୃତ୍ୟୁପୂର୍ବରୁ ଖାଇଥିଲେ। ତାହାର ସ୍ମରଣାର୍ଥେ ପ୍ରଭୁଭୋଜ ମଣ୍ଡଳୀରେ ପାଳନ କରାଯାଏ। ଲୂକ ୨୨:୧୪-୨୦

## ପବିତ୍ର ଆତ୍ମାଙ୍କର ଅନୁଗ୍ରହଦାନ

୧୨ ଭାଇ ଓ ଭଉଣୀମାନେ! ଆତ୍ମିକ ଦାନଗୁଡ଼ିକ
ବିଷୟରେ ମୁଁ ତୁମ୍ଭମାନଙ୍କୁ ବୁଝାଇବାକୁ ଇଚ୍ଛା
କରୁଛି। ୨ତୁମ୍ଭେମାନେ ମନେପକାଅ ଯେ ବିଶ୍ୱାସୀ ହେବା
ପୂର୍ବରୁ ତୁମ୍ଭେମାନେ କିପରି ବିପଥଗାମୀ ହୋଇ ମୂର୍ତ୍ତିପୂଜା
କରିବାକୁ ଯାଉଥିଲ। ୩ସେଥିପାଇଁ ମୁଁ କହୁଛି ଯେ,
ପରମେଶ୍ୱରଙ୍କ ଆତ୍ମାପ୍ରାପ୍ତ ଲୋକ "ଯୀଶୁ ଅଭିଶପ୍ତ" ବୋଲି
କଦାପି କହିବ ନାହିଁ। ପବିତ୍ର ଆତ୍ମାଙ୍କ ସାହାଯ୍ୟ ବିନା
କୌଣସି ଲୋକ "ଯୀଶୁ ପ୍ରଭୁ ଅଟନ୍ତି" ବୋଲି କହିବ
ନାହିଁ।

୪ଆତ୍ମାଙ୍କ ଦାନ ଅନେକ ପ୍ରକାରର, କିନ୍ତୁ ସେଗୁଡ଼ିକ
ସେହି ଏକ ପବିତ୍ର ଆତ୍ମାଙ୍କଠାରୁ ଆସିଥାଏ। ୫ସେବା ମଧ୍ୟ
ଅନେକ ପ୍ରକାରର, ମାତ୍ର ଆମ୍ଭେ ଯାହାଙ୍କର ସେବା କରୁ,
ସେହି ପ୍ରଭୁ ଏକ ଅଟନ୍ତି। ୬ପରମେଶ୍ୱର ଆମ୍ଭମାନଙ୍କ
ଜୀବନର ଅନେକ ପ୍ରକାର କାର୍ଯ୍ୟ କରନ୍ତି, ମାତ୍ର ଯେ
ଏସମସ୍ତ କରନ୍ତି, ସେହି ପରମେଶ୍ୱର ଏକ ଅଟନ୍ତି।
୭ପ୍ରତ୍ୟେକ ଲୋକଠାରେ ଆତ୍ମାର ବିଶେଷ ଗୁଣ ଗୁଡ଼ିକ
ଦେଖିବାକୁ ମିଳେ। ୮ଏହିଗୁଡ଼ିକ ଅନ୍ୟମାନଙ୍କର ଭଲ ପାଇଁ
ଦିଆ ଯାଇଛି। ଜଣେ ଲୋକକୁ ଆତ୍ମାଙ୍କ ଦ୍ୱାରା ବୁଦ୍ଧିରେ
କଥା କହିବାକୁ ଦକ୍ଷତା ଦିଆ ହୋଇଛି, ଓ ଅନ୍ୟ ଜଣକୁ
ସେହି ଆତ୍ମାଙ୍କ ଦ୍ୱାରା ଜ୍ଞାନର କଥା କହିବାକୁ ଯୋଗ୍ୟତା
ଦିଆ ହୋଇଛି। ୯ସେହି ଏକମାତ୍ର ଆତ୍ମା ଜଣେ ଲୋକକୁ
ବିଶ୍ୱାସ ଓ ଅନ୍ୟଜଣକୁ ପୂର୍ଣ୍ଣ ଆରୋଗ୍ୟ କରିବା ଶକ୍ତି
ଦାନ କରନ୍ତି। ୧୦ଆତ୍ମା ଅନ୍ୟଜଣକୁ ଆଶ୍ଚର୍ଯ୍ୟକାର୍ଯ୍ୟ କରିବା
ଶକ୍ତି ଓ ଅନ୍ୟ ଜଣକୁ ଭଲ ଓ ମନ୍ଦ ଆତ୍ମା ଭିତରେ
ପାର୍ଥକ୍ୟ ଦେଖି ପାରିବା ଶକ୍ତି ପ୍ରଦାନ କରନ୍ତି। କାହାକୁ
ଭିନ୍ନଭିନ୍ନ ପ୍ରକାରର ଭାଷା କହିପାରିବା ଶକ୍ତି ଦିଆ ଯାଇଛି,
ତ ଅନ୍ୟ କାହାକୁ ସେହି ଭାଷାଗୁଡ଼ିକର ଅର୍ଥ କରିବାର
ଶକ୍ତି ଦିଆଯାଇଛି। ୧୧ସେହି ଏକମାତ୍ର ଆତ୍ମା ଆପଣା
ଇଚ୍ଛାନୁସାରେ ଏହି ସମସ୍ତ କାର୍ଯ୍ୟ କରନ୍ତି। ସେହି ଆତ୍ମା
ପ୍ରତ୍ୟେକ ବ୍ୟକ୍ତିଙ୍କୁ କ'ଣ ଦିଆଯିବ, ତାହା ସ୍ଥିର କରନ୍ତି।

## ଖ୍ରୀଷ୍ଟଙ୍କର ଶରୀର

୧୨ଆମ୍ଭର ଶରୀର ହେଉଛି ଏକ, କିନ୍ତୁ ତାହାର
ଅଙ୍ଗପ୍ରତ୍ୟଙ୍ଗ ଅନେକ। ଶରୀରର ଅଙ୍ଗପ୍ରତ୍ୟଙ୍ଗ ଅନେକ
ହେଲେ ହେଁ ଶରୀର ହେଉଛି ଏକ। ସେହିପରି ମଧ୍ୟ
ଖ୍ରୀଷ୍ଟ ଏକ। ୧୩ଆମ୍ଭ ଭିତରୁ କେତେକ ହେଉଛନ୍ତି ଯିହୂଦୀ,
କେତେକ ଅଣଯିହୂଦୀ, ଆମ୍ଭ ଭିତରୁ କେତେକ କ୍ରୀତଦାସ
ଓ କେତେକ ସ୍ୱାଧୀନ। କିନ୍ତୁ ଆମ୍ଭେମାନେ ସମସ୍ତେ
ଗୋଟିଏ ଆତ୍ମା ଦ୍ୱାରା ଏକ ଶରୀର ହେବା ଉଦ୍ଦେଶ୍ୟରେ
ଡୁବନ ପ୍ରାପ୍ତ ହୋଇ ଅଛୁ। ଆମ୍ଭ ସମସ୍ତଙ୍କୁ ଗୋଟିଏ ଆତ୍ମା
ମଧ୍ୟ ପ୍ରଦାନ କରାଯାଇଛି।

୧୪ମାନବ ଶରୀର ତ ଏକଅଙ୍ଗ ନୁହେଁ, ମାତ୍ର ଅନେକ
ଗୁଡ଼ିଏ ଅଙ୍ଗ ଦ୍ୱାରା ନିର୍ମିତ। ୧୫ଯଦି ଗୋଡ଼ କୁହେ: "ମୁଁ
ହାତ ନୁହେଁ, ଅତଏବ, ମୁଁ ଶରୀରର ଅଙ୍ଗ ନୁହେଁ।" କିନ୍ତୁ
ଏହା କହିବା ଦ୍ୱାରା କ'ଣ ସେ ଶରୀରର ଅଙ୍ଗ ହୋଇ
ରହିବ ନାହିଁ କି? ୧୬କାନ କହିପାରେ: "ମୁଁ ଆଖି ନୁହେଁ,
ଅତଏବ ମୋର ଶରୀରର ଅଙ୍ଗ ନୁହେଁ," କିନ୍ତୁ ଏହା
କହିବା ଦ୍ୱାରା କ'ଣ ସେ ଶରୀରର ଅଙ୍ଗ ହୋଇ ରହିବ
ନାହିଁ କି? ୧୭ସଂମ୍ପୂର୍ଣ୍ଣ ଶରୀର ଗୋଟିଏ ଆଖି ହୋଇଥାନ୍ତା,
ତେବେ ସେ ଶରୀର ଶୁଣିପାରନ୍ତା କିପରି? ଯଦି ସଂମ୍ପୂର୍ଣ୍ଣ
ଶରୀରଟି ଗୋଟିଏ କାନ ହୋଇଥାଆନ୍ତା ତା' ହେଲେ
ଶରୀର ଶୁଙ୍ଘିବା ପାଇଁ ସମର୍ଥ ହୁଅନ୍ତା କିପରି? ୧୮-୧୯ଯଦି
ସଂମ୍ପୂର୍ଣ୍ଣ ଶରୀରର ଅଙ୍ଗ କେବଳ ସେହି ଗୋଟିଏ ଅଙ୍ଗ
ମାତ୍ର ହୋଇଥାନ୍ତା ତା' ହେଲେ ଶରୀର ନ ଥାନ୍ତା। କିନ୍ତୁ
ପରମେଶ୍ୱର ଯେପରି ଠିକ୍ ମନେ କଲେ ପ୍ରତ୍ୟେକ ଅଙ୍ଗକୁ
ଶରୀରରେ ସେହିଭଳି ସ୍ଥାନ ଦେଲେ। ୨୦ତେଣୁ ପ୍ରକୃତରେ
ଅଙ୍ଗପ୍ରତ୍ୟଙ୍ଗ ଅନେକ, କିନ୍ତୁ ଶରୀର ଗୋଟିଏ।

୨୧ଆଖି ହାତକୁ କେବେହେଲେ କହି ପାରିବ ନାହିଁ
ଯେ, "ତୋଠାରେ ମୋର ଆବଶ୍ୟକତା ନାହିଁ।" ସେହିଭଳି
ମୁଣ୍ଡ ପାଦକୁ କହି ପାରିବ ନାହିଁ ଯେ, "ତୋ'ଠାରେ
ମୋର ଆବଶ୍ୟକତା ନାହିଁ।" ୨୨ବରଂ ଅନ୍ୟ ପକ୍ଷରେ
ଶରୀରର ଯେଉଁ ଅଙ୍ଗଗୁଡ଼ିକ ଦୁର୍ବଳ ବୋଲି ବୋଧ ହୁଏ,
ସେହିସବୁ ପ୍ରକୃତରେ ଗୁରୁତ୍ୱପୂର୍ଣ୍ଣ ଅଟେ। ୨୩ଶରୀରର
ଯେଉଁ ଅଙ୍ଗଗୁଡ଼ିକୁ ଆମେ କମ୍ ଆଦରର ବୋଲି ଭାବୁ,
ସେଗୁଡ଼ିକ ପ୍ରତି ଆମେ ଅଧିକ ଧ୍ୟାନ ଦେଉ। ଯେଉଁ
ଅଙ୍ଗଗୁଡ଼ିକୁ ଅନ୍ୟମାନେ ନ ଦେଖନ୍ତୁ ବୋଲି ଆମେ ଚାହୁଁ,
ସେ ଅଙ୍ଗଗୁଡ଼ିକ ପ୍ରତି ଆମେ ବିଶେଷ ଧ୍ୟାନ ଦେଉ।
୨୪ଆମ୍ଭ ଶରୀରର ସୁନ୍ଦର ଅଙ୍ଗଗୁଡ଼ିକ ପ୍ରତି ଧ୍ୟାନ ଦେବା
ଆବଶ୍ୟକ ହୋଇ ନ ଥାଏ। କିନ୍ତୁ ପରମେଶ୍ୱର ଆଦରହୀ
ଅଙ୍ଗ ଗୁଡ଼ିକ ଅଧିକ ସମ୍ମାନ ଦେଇ ଶରୀରକୁ ଗଠନ
କରିଛନ୍ତି। ୨୫ଆମ୍ଭର ଶରୀରରେ ଯେପରି କୌଣସି ବିଭେଦ
ନ ହେଉ, ସେହି ଦୃଷ୍ଟିରୁ ପରମେଶ୍ୱର ଏପରି କରିଛନ୍ତି।
ଦେହର ଅଙ୍ଗଗୁଡ଼ିକ ପରସ୍ପର ସୁଖ ଦୁଃଖର ସହଭାଗୀ
ହୁଅନ୍ତି ବୋଲି ପରମେଶ୍ୱର ଇଚ୍ଛା କଲେ। ୨୬ଯଦି ଶରୀରର
ଗୋଟିଏ ଅଙ୍ଗ କଷ୍ଟ ପାଏ, ତା'ସହିତ ଶରୀରର ଅନ୍ୟ
ଅଙ୍ଗଗୁଡ଼ିକ ମଧ୍ୟ କଷ୍ଟ ପା'ନ୍ତି। ଯଦି ଶରୀରର କୌଣସି
ଅଙ୍ଗ ସମ୍ମାନ ପାଏ ଅନ୍ୟ ସମସ୍ତ ଅଙ୍ଗଗୁଡ଼ିକ ତାହା ସହିତ
ଏକତ୍ର ହୋଇ ଆନନ୍ଦ କରନ୍ତି।

୨୭ତୁମ୍ଭେମାନେ ଖ୍ରୀଷ୍ଟଙ୍କର ଶରୀର ଅଟ। ତୁମ୍ଭେମାନେ
ପ୍ରତ୍ୟେକ ସେହି ଶରୀରର ଅଙ୍ଗ।

୨୮ପରମେଶ୍ୱରଙ୍କ ମଣ୍ଡଳୀରେ ପ୍ରଥମେ ପ୍ରେରିତମାନଙ୍କୁ,
ଦ୍ୱିତୀୟରେ ଭବିଷ୍ୟଦ୍‌ବକ୍ତାମାନଙ୍କୁ, ତୃତୀୟରେ ଶିକ୍ଷକମାନଙ୍କୁ,
ସ୍ଥାନ ଦେଇଛନ୍ତି। ତା'ପରେ, ଆଶ୍ଚର୍ଯ୍ୟ କାର୍ଯ୍ୟ କରୁଥିବା
ଲୋକଙ୍କୁ, ତା'ପରେ ପରୋପକାରୀଙ୍କୁ ତା'ପରେ ନେତୃତ୍ୱ
ନେଉଥିବା ବ୍ୟକ୍ତିଙ୍କୁ, ତା'ପରେ ବିଭିନ୍ନ ଭାଷା କହି
ପାରୁଥିବା ଲୋକଙ୍କୁ ସ୍ଥାନ ଦେଇଛନ୍ତି। ୨୯ସମସ୍ତ ଲୋକ
କ'ଣ ପ୍ରେରିତ? ସମସ୍ତ ଲୋକ କ'ଣ ଭବିଷ୍ୟଦ୍‌ବକ୍ତା?
ସମସ୍ତେ କ'ଣ ଶିକ୍ଷକ? ସମସ୍ତେ କ'ଣ ଆଶ୍ଚର୍ଯ୍ୟକାର୍ଯ୍ୟ
କରୁଥିବା ଲୋକ? ୩୦ସମସ୍ତେ କ'ଣ ଆରୋଗ୍ୟ କରିବାର
ଶକ୍ତି ପାଇଅଛନ୍ତି? ସମସ୍ତେ କ'ଣ ବିଭିନ୍ନ ଭାଷା କହନ୍ତି?
ସମସ୍ତେ କ'ଣ ଏହି ଭାଷାଗୁଡ଼ିକର ଅର୍ଥ କରି ପାରନ୍ତି କି?
୩୧କିନ୍ତୁ ତୁମ୍ଭେମାନେ ପ୍ରକୃତରେ ଆତ୍ମାଙ୍କ ଶ୍ରେଷ୍ଠ ଦାନଗୁଡ଼ିକ
ପାଇବା ପାଇଁ ଏକାନ୍ତ ଚେଷ୍ଟା କରିବା ଉଚିତ।

### ପ୍ରେମ ସର୍ବୋତ୍କୃଷ୍ଟ ଦାନ ଅଟେ

ଏବେ ମୁଁ ସମସ୍ତ ମାର୍ଗ ଅପେକ୍ଷା ଅତିଉତ୍ତମ ମାର୍ଗ
ଦେଖାଇବି।

୧୩ ଯଦି ମୁଁ ମଣିଷମାନଙ୍କର ବିଭିନ୍ନ ଭାଷାରେ ବା
ସ୍ୱର୍ଗଦୂତଙ୍କ ଭାଷାରେ କହିପାରେ, ମାତ୍ର ମୋଠାରେ
ପ୍ରେମ ନାହିଁ, ତାହାହେଲେ ମୁଁ ଶବ୍ଦ କାରକ ପିତ୍ତଳ ଘଣ୍ଟି
ବା ଝାଞ୍ଜି ଭଳି ଅଟେ। ୨ମୋ ପାଖରେ ଭାବବାଣୀ
କହିବାର ଶକ୍ତି ଥାଇ ପାରେ, ମୁଁ ପରମେଶ୍ୱରଙ୍କ ସମସ୍ତ
ନିଗୁଢ଼ ତତ୍ତ୍ୱ ଜାଣି ଥାଇ ପାରେ, ମୋର ସମସ୍ତ ଜ୍ଞାନ
ଥାଇପାରେ, ପର୍ବତକୁ ସ୍ଥାନାନ୍ତର କରିବା ନିମନ୍ତେ ମୋହର
ସଂମ୍ପୂର୍ଣ୍ଣ ବିଶ୍ୱାସ ଥାଇପାରେ, କିନ୍ତୁ ଯଦି ମୋଠାରେ ପ୍ରେମ
ନାହିଁ, ତା'ହେଲେ ମୁଁ କିଛି ନୁହେଁ। ୩ଯଦି ମୁଁ ମୋର
ସମସ୍ତ ସମ୍ପତ୍ତି ଦରିଦ୍ରଙ୍କୁ ଖୁଆଇବା ପାଇଁ ଦାନ କରି
ଦେଇପାରେ, ବା ନିଜ ଶରୀରକୁ ଦଗ୍ଧ ହେବା ପାଇଁ
ସମର୍ପଣ କରି ଦେଇପାରେ, ମାତ୍ର ମୋହର ପ୍ରେମ ନ
ଥାଏ, ତେବେ ମୁଁ କିଛି ପାଇବି ନାହିଁ।

୪ପ୍ରେମ ଦୀର୍ଘ ସହିଷ୍ଣୁ। ପ୍ରେମ ଦୟାବାନ। ପ୍ରେମରେ
ଈର୍ଷା ନ ଥାଏ। ସେ ଗର୍ବ କରେ ନାହିଁ, ସେ ଅହଂକାରୀ
ନୁହେଁ। ୫ପ୍ରେମ ଅନୁଚିତ ବ୍ୟବହାର କରେ ନାହିଁ, ସ୍ୱାର୍ଥ
ଚେଷ୍ଟା କରେ ନାହିଁ, ସହଜରେ ବିରକ୍ତ ହୁଏ ନାହିଁ। ପ୍ରେମ
କେବେହେଲେ ତା'ପ୍ରତି ହୋଇଥିବା ଅପକାରକୁ ମନ
ରଖେ ନାହିଁ। ୬ସେ ଅଧର୍ମରେ କଦାପି ଆନନ୍ଦ କରେ
ନାହିଁ, ମାତ୍ର ସେ ସତ୍ୟରେ ଆନନ୍ଦ କରେ। ୭ପ୍ରେମ ସମସ୍ତ
ବିଷୟ ସହ୍ୟ କରେ। ପ୍ରେମ ସମସ୍ତ ବିଶ୍ୱାସ କରେ;
ସମସ୍ତ ଭରସା କରେ, ସବୁ ବିଷୟରେ ଧୈର୍ଯ୍ୟ ଧରି
ରହେ।

୮ପ୍ରେମ କଦାପି ଶେଷ ହୁଏ ନାହିଁ। ଯଦି ଭାବବାଣୀ
ଥାଏ, ତାହା ଲୋପ ହେବ, ଅନେକ ଭାଷା କହିବା ଶକ୍ତି
ବନ୍ଦ ହୋଇଯିବ; ଯଦି ଜ୍ଞାନ ଥାଏ ତାହା ଲୋପ ହେବ।
୯କାରଣ ଆମ୍ଭକୁ ଜ୍ଞାନ ଓ ଭବିଷ୍ୟତ୍‌ବାଣୀ ଆଂଶିକ
ହେବାରୁ ଏହା ଲୋପ ହେବ। ୧୦କିନ୍ତୁ ସିଦ୍ଧ ବିଷୟ
ଉପସ୍ଥିତ ହେଲେ ସମସ୍ତ ଆଂଶିକ ବିଷୟ ଲୋପ ହେବ।
୧୧ମୁଁ ଯେତେବେଳେ ଶିଶୁଥିଲି, ମୁଁ ଶିଶୁ ପରି କହୁଥିଲି,
ମୁଁ ଶିଶୁ ପରି ବିଚାର କରୁଥିଲି, ମୁଁ ଶିଶୁ ପରି ଯୋଜନା
କରୁଥିଲି। ଯେତେବେଳେ ମୁଁ ବୟସ୍କ ହେଲି, ମୁଁ ସେହି
ଶିଶୁ ବେଳର କଥାଗୁଡ଼ିକୁ ଛାଡ଼ି ଦେଲି। ୧୨ସେହି ପ୍ରକାର
ଆମ୍ଭେ ଗୋଟିଏ ଦର୍ପଣ ସାହାଯ୍ୟରେ ଦେଖୁଛୁ, କିନ୍ତୁ
ସେତେବେଳେ ଆମ୍ଭେ ସ୍ପଷ୍ଟ ଦେଖିବା। ମୁଁ ଏବେ କେବଳ
ଆଂଶିକଭାବରେ ଜାଣିଛି, କିନ୍ତୁ ସେତେବେଳେ ପରମେଶ୍ୱର
ମୋତେ ଯେପରି ଜାଣିଛନ୍ତି, ସେହିପରି ମୁଁ ସଂମ୍ପୂର୍ଣ୍ଣ ଭାବରେ
ଜାଣିବି। ୧୩ଅତଏବ ବିଶ୍ୱାସ, ଭରସା ଓ ପ୍ରେମ ସ୍ଥାୟୀ
ଅଟେ। ଉକ୍ତ ତିନୋଟି ମଧ୍ୟରୁ ପ୍ରେମ ହେଉଛି ସର୍ବୋତ୍କୃଷ୍ଟ।

### ଆଧ୍ୟାତ୍ମିକ ଦାନଗୁଡ଼ିକୁ ମଣ୍ଡଳୀ ସେବାରେ ଲଗାଅ

୧୪ ପ୍ରେମର ଅନୁସରଣ କର। ଆଧ୍ୟାତ୍ମିକ ଦାନସବୁ
ପାଇବା ପାଇଁ ଏକାନ୍ତ ଚେଷ୍ଟା କର, ବିଶେଷ
ଭାବରେ ଭାବବାଣୀ କହିବାକୁ ଏକାନ୍ତ ଇଚ୍ଛା କର। ୨ମୁଁ
ବୁଝାଇ କହୁଛି: ଯେଉଁଲୋକ ବିଭିନ୍ନ ଭାଷାରେ କଥା
କହିବାକୁ ଦାନ ପାଇଛି, ସେ ପ୍ରକୃତରେ ମନୁଷ୍ୟଙ୍କୁ ନୁହେଁ
ବରଂ ପରମେଶ୍ୱରଙ୍କ ସହିତ କଥାବାର୍ତ୍ତା କରେ। କେହିହେଲେ
ତା'କଥା ବୁଝି ପାରନ୍ତି ନାହିଁ, ସେ ଆତ୍ମାଙ୍କ ଦ୍ୱାରା ନିଗୂଢ଼
ବିଷୟ କହେ। ୩କିନ୍ତୁ ଯିଏ ଭାବବାଣୀ କହେ, ସେ
ଲୋକମାନଙ୍କୁ ଶକ୍ତି (ଦୃଢ଼ତା), ଉତ୍ସାହ ଓ ସାନ୍ତ୍ୱନାର କଥା
କହେ। ୪ଯେଉଁଲୋକକୁ ବିଭିନ୍ନ ଭାଷାରେ କହିବା ଶକ୍ତି
ପ୍ରାପ୍ତ ହୋଇଛି, ସେ ନିଜକୁ ନିଷ୍ଠା ଜନ୍ମାଏ; କିନ୍ତୁ
ଯେଉଁଲୋକ ଭାବବାଣୀ କହେ, ସେ ମଣ୍ଡଳୀର ନିଷ୍ଠା
ଜନ୍ମାଏ। ୫ତୁମ୍ଭେମାନେ ସମସ୍ତେ ଅନେକ ଗୁଡ଼ିଏ ଭାଷା
କୁହ, ଏହା ମୁଁ ଇଚ୍ଛା କରେ, କିନ୍ତୁ ତୁମ୍ଭେମାନେ ଯେ
ଭାବବାଣୀ କୁହ, ଏହା ମୋହର ଅଧିକ ଇଚ୍ଛା। ଯେଉଁଲୋକ
ଭାବବାଣୀ କହେ, ସେ ବିଭିନ୍ନ ଭାଷା କହି ପାରିବା
ଲୋକଠାରୁ ଶ୍ରେଷ୍ଠ। କିନ୍ତୁ ସେ ଯଦି ସେହି ଭାଷାଗୁଡ଼ିକର
ଅର୍ଥକରିପାରୁଥିବ ତେବେ ସେ ଭାବବାଣୀ କହୁଥିବା ଲୋକ
ସହିତ ସମାନ। ଏହାଦ୍ୱାରା ମଣ୍ଡଳୀକୁ ସାହାଯ୍ୟ ହେବ।

୬ଭାଇ (ଓ ଭଉଣୀମାନେ)! ଯଦି ମୁଁ ତୁମ୍ଭମାନଙ୍କ
ପାଖରେ ଅନ୍ୟଭାଷାରେ କଥା କହେ, ତା'ହେଲେ ତୁମ୍ଭର
ବା କଣ ଲାଭ ହେବ? କେବଳ ଯଦି ମୁଁ କୌଣସି ନିଗୂଢ଼
କଥା ବା କାର୍ଯ୍ୟ ବା କିଛି ଭବିଷ୍ୟତ୍‌ବାଣୀ ବା କିଛି
ଉପଦେଶର କଥା କୁହେ ତେବେ ତୁମ୍ଭମାନଜଙ୍କର ପ୍ରକୃତରେ
ଲାଭ ହେବ। ୭ଅନ୍ୟଥା ମୋର କଥା ତୁମ୍ଭମାନଙ୍କ ପାଇଁ
କୌଣସି ନିର୍ଜୀବ ବଂଶୀ ବା ବୀଣାର ଧ୍ୱନି ତୁଲ୍ୟ ହେବ।
ଯଦି କୌଣସି ବାଦ୍ୟ ଯନ୍ତ୍ରର ସ୍ୱରଗୁଡ଼ିକରେ ପାର୍ଥକ୍ୟ ନ
ରହିବ, ତା' ହେଲେ ଜଣେ କିପରି ଜାଣି ପାରିବ ଯେ,
ବଂଶୀ ବା ବୀଣା କ'ଣ ବାଜୁଅଛି? ୮ଯୁଦ୍ଧରେ ଯଦି ତୂରୀଟି
ସ୍ପଷ୍ଟ ଭାବରେ ନ ଶୁଭେ ତା'ହେଲେ ସୈନିକଗଣ ଯୁଦ୍ଧ
ପାଇଁ ପ୍ରସ୍ତୁତ ହେବାର ସମୟ ଜାଣି ପାରିବେ ନାହିଁ।
୯ସେହିଭଳି ତୁମ୍ଭେମାନେ ଜିହ୍ୱା ଦ୍ୱାରା ଯଦି ସ୍ପଷ୍ଟ ଭାବରେ
କଥା ନ କହିବ, ତା' ହେଲେ କୌଣସି ଲୋକ କିଛି
ବୁଝି ପାରିବ ନାହିଁ। ତାହା ପବନରେ କଥା କହିଲାପରି
ହେବ। ୧୦ଏହା ସତ୍ୟ ଯେ, ସଂସାରରେ ଅନେକ ପ୍ରକାରର
ଭାଷା ଅଛି ଓ ସେ ସବୁଗୁଡ଼ିକ ଅର୍ଥପୂର୍ଣ୍ଣ। ୧୧ଅତଏବ, ଯଦି
ଜଣକର କଥା ଶୁଣି ତାହା ବୁଝି ନ ପାରେ ତା'ହେଲେ
ସେହି କଥା ମୋତେ ଅଦ୍ଭୁତ ମନେହେବ। ୧୨ତୁମ୍ଭପାଇଁ
ମଧ୍ୟ ଏହା ପ୍ରଯୁଜ୍ୟ। ତୁମ୍ଭେମାନେ ଆଧ୍ୟାତ୍ମିକ ଦାନ ପାଇବା
ପାଇଁ ଅତି ଉତ୍ସୁକ। ଅତଏବ, ମଣ୍ଡଳୀର ନିଷ୍ଠା ନିମନ୍ତେ
ଆତ୍ମିକ ଦାନ ସବୁ ପ୍ରଚୁର ପରିମାଣରେ ପାଇବାକୁ ଚେଷ୍ଟା
କର।

୧୩ଅତଏବ, ଯିଏ ଅନ୍ୟ ଭାଷାରେ କହୁଛି, ସେ ଯେପରି
ତାହା ବୁଝାଇ ପାରିବ, ଏଥିପାଇଁ ପ୍ରାର୍ଥନା କରିବା ଉଚିତ।
୧୪ଯଦି ମୁଁ ଅନ୍ୟ ଭାଷାରେ ପ୍ରାର୍ଥନା କରୁଛି, ତା'ହେଲେ
ମୋର ଆତ୍ମା ପ୍ରାର୍ଥନା କରେ, ମୋର ବୁଦ୍ଧି (ମନ) କିଛି
କରେ ନାହିଁ। ୧୫ତାହାହେଲେ ମୋର କ'ଣ କରିବା
ଉଚିତ? ମୁଁ ମୋହର ଆତ୍ମା ଦ୍ୱାରା ପ୍ରାର୍ଥନା କରିବି ଓ
ବୁଦ୍ଧିଦ୍ୱାରା ମଧ୍ୟ ପ୍ରାର୍ଥନା କରିବି। ପୁଣି ଆତ୍ମାଦ୍ୱାରା ସ୍ତୁତିଗାନ
କରିବି ଓ ବୁଦ୍ଧିସହ ମଧ୍ୟ ସ୍ତୁତିଗାନ କରିବି। ୧୬ତୁମ୍ଭେମାନେ

ଯଦି ଆତ୍ମା ଦ୍ୱାରା ପରମେଶ୍ୱରଙ୍କ ପ୍ରଶଂସା କର, ତେବେ
ସାଧାରଣ ଲୋକ ତୁମ୍ଭକଥା ନ ବୁଝିବାରୁ କିପରି ତୁମ୍ଭ
ଧନ୍ୟବାଦରେ "ଆମେନ୍" କହିବେ? ୧୭ତୁମ୍ଭେମାନେ
ପରମେଶ୍ୱରଙ୍କୁ ପ୍ରକୃତରେ ଭଲ ଭାବରେ ଧନ୍ୟବାଦ ଜଣାଉଛ,
କିନ୍ତୁ ତା'ଦ୍ୱାରା ଅନ୍ୟଲୋକ ଆଧାତ୍ମିକ ଲାଭ ପାଉ ନାହିଁ।
୧୮ମୁଁ ତୁମ୍ଭ ସମସ୍ତଙ୍କ ଅପେକ୍ଷା ଅଧିକ ରୂପେ ବିଭିନ୍ନ
ଭାଷାଗୁଡ଼ିକରେ କଥା କହିବାର ଦାନ ପାଇଛି ବୋଲି
ପରମେଶ୍ୱରଙ୍କୁ ଧନ୍ୟବାଦ ଦେଉଛି। ୧୯କିନ୍ତୁ ମଣ୍ଡଳୀରେ
ଅନ୍ୟ ଭାଷାରେ ହଜାର ହଜାର କଥା କହିବା ଅପେକ୍ଷା
ବରଂ ସେମାନେ ବୁଝୁଥିବା ପାଞ୍ଚୋଟି କଥା କହିବାକୁ ଭଲ
ପାଏ। ଏହାଦ୍ୱାରା ମୁଁ ନିଜେ ବୁଝି ପାରିବି ଓ ଅନ୍ୟ
ଲୋକମାନଙ୍କୁ ଶିକ୍ଷା ଦେଇ ପାରିବି।
୨୦ଭାଇ ଓ ଭଉଣୀମାନେ, ବୁଦ୍ଧିରେ ପିଲାମାନଙ୍କ ପରି
ହୁଅନାହିଁ ବରଂ ମନ୍ଦ ବିଷୟରେ ଶିଶୁ ପରି ହୁଅ ଓ
ବୁଦ୍ଧିରେ ପୂର୍ଣ୍ଣ ବୟସ୍କ ହୁଅ। ୨୧ଶାସ୍ତ୍ରରେ ଲେଖାଅଛି:

"ବିଦେଶୀୟ ଭାଷାବାଦୀମାନଙ୍କ ଦ୍ୱାରା ଓ
ବିଦେଶୀୟମାନଙ୍କ ମୁଖ ଦ୍ୱାରା ଆମ୍ଭେ ଏହି ଲୋକମାନଙ୍କୁ
କଥା କହିବା, ତଥାପି ଏହି ଲୋକମାନେ ଆମ୍ଭକଥା
ଶୁଣିବେ ନାହିଁ।"

ଯିଶାଇୟ ୨୮:୧୧-୧୨

ଏହା ପରମେଶ୍ୱର କହନ୍ତି
୨୨ଏଣୁ ବିଭିନ୍ନ ଭାଷାରେ କଥା କହିବା ବିଶ୍ୱାସୀମାନଙ୍କ
ପାଇଁ ଚିହ୍ନ ସ୍ୱରୂପେ ନୁହେଁ, ମାତ୍ର ଅବିଶ୍ୱାସୀମାନଙ୍କ
ନିମନ୍ତେ ଚିହ୍ନସ୍ୱରୂପେ, ଭାବବାଣୀ କହିବା ଅବିଶ୍ୱାସୀମାନଙ୍କ
ନିମନ୍ତେ ଚିହ୍ନସ୍ୱରୂପ ନୁହେଁ, ମାତ୍ର ବିଶ୍ୱାସୀମାନଙ୍କ ନିମନ୍ତେ
ଚିହ୍ନ ସ୍ୱରୂପ। ୨୩ଯଦି ସମସ୍ତ ମଣ୍ଡଳୀ ସମବେତ ହୁଅନ୍ତି ଓ
ସମସ୍ତେ ଅନ୍ୟଭାଷାରେ କଥା କହନ୍ତି, ପୁଣି ସାଧାରଣ ଓ
ଅବିଶ୍ୱାସୀ ଲୋକମାନେ ଆସନ୍ତି, ସେମାନେ ଯଦି ବୁଝି ନ
ପାରନ୍ତି, ତାହାହେଲେ ସେମାନେ ତୁମ୍ଭକୁ ପାଗଳ କହିବେ।
୨୪କିନ୍ତୁ ଯଦି ସମସ୍ତେ ଭାବବାଣୀ କହନ୍ତି, ଜଣେ ଅବିଶ୍ୱାସୀ
ବା ସାଧାରଣ ଲୋକ ଆସେ ତେବେ ତା'ର ଦୋଷ
ତୁମ୍ଭକୁ ଦେଖାଯିବ ଓ ତୁମ୍ଭ କଥା ଦ୍ୱାରା ସେ ବିଚାରିତ
ହେବ। ୨୫ତାହାର ହୃଦୟର ଗୁପ୍ତ ବିଷୟସବୁ ପ୍ରକାଶିତ
ହେବ, ସେଥିରେ ସେ ମସ୍ତକ ନତକରି ପରମେଶ୍ୱର ଯେ
ତୁମ୍ଭମାନଙ୍କ ମଧ୍ୟରେ ଅଛନ୍ତି, ଏହା ସ୍ୱୀକାର କରି ପରମେଶ୍ୱରଙ୍କ
ଉପାସନା କରିବ।

### ତୁମ୍ଭମାନଙ୍କ ସଭାଗୁଡ଼ିକ ମଣ୍ଡଳୀକୁ ସାହାଯ୍ୟ କରିବା ଉଚିତ

୨୬ତା'ହେଲେ, ଭାଇ (ଓ ଭଉଣୀ)ମାନେ, ତୁମ୍ଭେ କ'ଣ
କରିବା ଉଚିତ? ତୁମ୍ଭେ ଯେତେବେଳେ ଏକାଠି ହେଉଛ,
ତୁମ୍ଭମାନଙ୍କ ମଧ୍ୟରେ କେହି ଗୀତ ବା ଶିକ୍ଷା ବା ପରମେଶ୍ୱରଙ୍କ
ନୂତନ ସତ୍ୟ, ଅନ୍ୟଭାଷା ବା ଭାଷାର ଅର୍ଥ କହିଥାଏ।
ସମସ୍ତ ବିଷୟ ମଣ୍ଡଳୀର ନିଷ୍ଠା ନିମନ୍ତେ କରାଯାଉ। ୨୭ଯଦି
କିଏ ଅନ୍ୟ ଭାଷାରେ କହୁଛି, ତା'ହେଲେ ମାତ୍ର ଦୁଇ ବା
ତିନିଜଣ ଲୋକ ଏପରି କହିବା ଉଚିତ ଓ ଅନ୍ୟଜଣେ
ସେମାନେ ଯାହାସବୁ କହେ ତାର ଅନୁବାଦ କରିବା
ଉଚିତ୍। ୨୮କିନ୍ତୁ ଯଦି ଜଣେ ଅନୁବାଦକାରୀ ନାହାଁନ୍ତି,
ତା'ହେଲେ ଯେଉଁମାନେ ଅନ୍ୟ ଭାଷାରେ କହିବା ପାଇଁ
ଇଚ୍ଛା କରନ୍ତି, ସେମାନେ ମଣ୍ଡଳୀ ସଭାରେ ଚୁପ୍ ରହିବା
ଉଚିତ। ସେ କେବଳ ନିରୋଳାରେ ପରମେଶ୍ୱରଙ୍କ ସହିତ
କଥା କହିବା ଉଚିତ।
୨୯ଆହୁରି ମଧ୍ୟ କେବଳ ଦୁଇ ବା ତିନିଜଣ, ଭାବବାଦୀ
କହିବା ଉଚିତ। ଅନ୍ୟମାନେ ସେମାନେ ଯାହା କହୁଛନ୍ତି,
ସେଗୁଡ଼ିକୁ ପରୀକ୍ଷା କରିବା ଉଚିତ। ୩୦ଯଦି ସେଠାରେ
ବସିଥିବା ଜଣେ ଲୋକ ପରମେଶ୍ୱରଙ୍କଠାରୁ ଏକ ନୂତନ
ସତ୍ୟପାଏ, ତା'ହେଲେ ପ୍ରଥମ ବକ୍ତା ଚୁପ୍ ହୋଇଯିବା
ଉଚିତ। ୩୧ଏହିପରି ତୁମ୍ଭେମାନେ ସମସ୍ତେ ଜଣକପରେ
ଜଣେ ଭାବବାଣୀ କହି ପାରିବ। ସେପରି ହେଲେ, ସମସ୍ତେ
ଶିଖି ପାରିବେ ଓ ଉତ୍ସାହିତ ହୋଇ ପାରିବେ। ୩୨ଏପରିକି
ଭାବବାଦୀମାନଙ୍କର ଆତ୍ମା ଭବିଷ୍ୟଦ୍‌ବକ୍ତାମାନଙ୍କ ନିୟନ୍ତ୍ରଣରେ
ଥାନ୍ତି।
୩୩ପରମେଶ୍ୱର ବିଶୃଙ୍ଖଳାର ପରମେଶ୍ୱର ନୁହଁନ୍ତି, କିନ୍ତୁ
ସେ ଶାନ୍ତିର ପରମେଶ୍ୱର ଅଟନ୍ତି।
୩୪ମଣ୍ଡଳୀର ସଭାମାନଙ୍କରେ ସ୍ତ୍ରୀମାନେ ଚୁପ୍ ରହିବା
ଉଚିତ। ପରମେଶ୍ୱରଙ୍କ ଲୋକମାନଙ୍କର ସମସ୍ତ ମଣ୍ଡଳୀରେ
ଏହି ନିୟମ ଲାଗୁ ଅଛି। ସ୍ତ୍ରୀ ଲୋକଙ୍କୁ କହିବା ପାଇଁ
ଅନୁମତି ଦିଆଯାଇ ନାହିଁ। ମୋଶାଙ୍କ ନିୟମାନୁଯାୟୀ ସେମାନେ
ବଶୀଭୂତ ହୋଇ ରହିବା ଉଚିତ। ୩୫ଯଦି ସ୍ତ୍ରୀ ମାନଙ୍କର
କିଛି ଜାଣିବାକୁ ଇଚ୍ଛା ଥାଏ, ତା'ହେଲେ ସେମାନେ ନିଜ
ସ୍ୱାମୀଙ୍କୁ ଘରେ ପଚାରି ବୁଝି ପାରିବେ। ମଣ୍ଡଳୀ ସଭାରେ
ସ୍ତ୍ରୀ ଲୋକମାନଙ୍କ ପକ୍ଷେ କିଛି କହିବା ଲଜ୍ଜାଜନକ ଅଟେ।
୩୬ପରମେଶ୍ୱରଙ୍କ ବାକ୍ୟ କ'ଣ ତୁମ୍ଭମାନଙ୍କଠାରୁ ଆସିଥିଲା
କି? ନା। ଅଥବା ସେହି ବାକ୍ୟ କ'ଣ କେବଳ ତୁମ୍ଭମାନଙ୍କ
ପାଖରେ ପହଞ୍ଚିଥିଲା? ନା।
୩୭ଯଦି ଜଣେ ଲୋକ ନିଜକୁ ଭାବବାଦୀ ବୋଲି ମନେ
କରେ ବା ସେ ନିଜକୁ ଆଧାତ୍ମିକ ଦାନର ଅଧିକାରୀ
ବୋଲି ଭାବେ, ତା'ହେଲେ ସେ ବୁଝି ପାରିବା ଉଚିତ ଯେ,
ମୁଁ ଯାହା କିଛି ତୁମ୍ଭମାନଙ୍କୁ ଲେଖୁଛି, ତାହା ପ୍ରଭୁଙ୍କର
ଆଦେଶ ଅଟେ। ୩୮ଯଦି ସେ ଏହା ଜାଣେ ନାହିଁ,
ତାହାହେଲେ ସେ ପରମେଶ୍ୱରଙ୍କ ଦ୍ୱାରା ଅଜଣା ଅଟେ।
୩୯ଅତଏବ, ମୋ ଭାଇ ଓ ଭଉଣୀମାନେ! ତୁମ୍ଭେମାନେ
ଭବିଷ୍ୟଦ୍‌ବାଣୀ କହିବା ପାଇଁ ଏକାନ୍ତ ଚେଷ୍ଟା କର। କିନ୍ତୁ
ବିଭିନ୍ନ ଭାଷାରେ କହିବାକୁ ଅନ୍ୟମାନଙ୍କୁ ବାଧା ଦିଅ ନାହିଁ।
ପ୍ରତ୍ୟେକ କାମ ଠିକ୍ ଭାବରେ ଓ କ୍ରମାନୁସାରେ କରିବା
ଉଚିତ।

### ଖ୍ରୀଷ୍ଟଙ୍କର ସୁସମାଚାର

୧୫ ଭାଇ ଓ ଭଉଣୀମାନେ! ମୁଁ ତୁମ୍ଭମାନଙ୍କୁ ପୂର୍ବରୁ
ମନେ ପକାଇ ଦେବାକୁ ଇଚ୍ଛା କରେ। ତୁମ୍ଭେମାନେ
ଏହାକୁ ଗ୍ରହଣ କରିଥିଲ, ଓ ଏବେ ସୁଦ୍ଧା ଦୃଢ଼ ଭାବରେ
ଧରି ରଖିଛ। ୨ତୁମ୍ଭେମାନେ ଏହି ସୁସମାଚାର ଦ୍ୱାରା
ପରିତ୍ରାଣ ପାଇଛ। କିନ୍ତୁ ମୋ କହିଥିବା କଥାଗୁଡ଼ିକୁ

ତୁମ୍ଭେମାନେ ବିଶ୍ୱାସ କରି ଚାଲିବା ଉଚିତ। ନଚେତ୍ ତୁମ୍ଭେ
ବ୍ୟର୍ଥରେ ବିଶ୍ୱାସୀ ହୋଇଥିଲ।
୩ମୁଁ ପାଇଥିବା ଶିକ୍ଷା ତୁମ୍ଭମାନଙ୍କୁ ଦେଲି। ଏହି ପ୍ରଧାନ
ଶିକ୍ଷା ମୁଁ ତୁମ୍ଭମାନଙ୍କୁ ପ୍ରଦାନ କରିଥିଲି ଯେ, ଯୀଶୁ ଖ୍ରୀଷ୍ଟ
ଶାସ୍ତ୍ର ଅନୁସାରେ ଆମ୍ଭର ପାପ ପାଇଁ ମଲେ। ୪ଯୀଶୁ
ଖ୍ରୀଷ୍ଟଙ୍କୁ କବର ଦିଆ ହେଲା ଓ ତୃତୀୟ ଦିନ ସେ
ମୃତ୍ୟୁରୁ ଉଠିଲେ। ୫ସେ କେଫାଙ୍କୁ ଓ ତା’ପରେ ବାରଜଣ
ପ୍ରେରିତଙ୍କୁ ଦେଖା ଦେଲେ। ୬ତା’ପରେ ସେ ଏକା
ଥରକେ ୫୦୦ ରୁ ଅଧିକ ଭାଇମାନଙ୍କୁ ଦେଖାଦେଇଥିଲେ।
ତାହାଙ୍କ ମଧ୍ୟରୁ ଅଧିକାଂଶ ଲୋକ ଆଜି ମଧ୍ୟ ଜୀବିତ।
କିନ୍ତୁ କେତେକ ମରି ଯାଇଛନ୍ତି। ୭ତା’ପରେ ଖ୍ରୀଷ୍ଟ ଯାକୁବ
ଓ ପରେ ସମସ୍ତ ପ୍ରେରିତମାନଙ୍କୁ ଆଉଥରେ ଦେଖା
ଦେଲେ। ୮ଯଥା ସମୟ ପୂର୍ବରୁ ଜନ୍ମ ହୋଇଥିବା ଶିଶୁଟିଏ
ଭଳି ଯେ ମୁଁ, ସେ ମୋତେ ସର୍ବ ଶେଷରେ ଦେଖା
ଦେଲେ। ୯ମୁଁ ସମସ୍ତ ପ୍ରେରିତମାନଙ୍କ ମଧ୍ୟରେ ସବୁଠାରୁ
କ୍ଷୁଦ୍ରତମ। ଏପରିକି ମୋର ପ୍ରେରିତ ବୋଲି ଡକା ଯିବାର
ଯୋଗ୍ୟତା ମଧ୍ୟ ନାହିଁ, କାରଣ ମୁଁ ପୂର୍ବରୁ ପରମେଶ୍ୱରଙ୍କ
ମଣ୍ଡଳୀକୁ ତାଡ଼ନା କରିଛି। ୧୦କିନ୍ତୁ ପରମେଶ୍ୱରଙ୍କ ଅନୁଗ୍ରହ
ହେତୁ ମୁଁ ଆଜି ଏହା ହୋଇପାରିଛି। ମୋ ପ୍ରତି ତାହାଙ୍କ
ଅନୁଗ୍ରହ ବିଫଳ ହୋଇନାହିଁ। ମୁଁ ଅନ୍ୟ ସମସ୍ତ ପ୍ରେରିତଙ୍କ
ତୁଳନାରେ କଠୋର ପରିଶ୍ରମ କରିଛି। ମୁଁ ପ୍ରକୃତରେ ଯେ
ଅଧିକ ପରିଶ୍ରମ କରିଅଛି, ତାହା ନୁହେଁ କିନ୍ତୁ ପରମେଶ୍ୱରଙ୍କ
ଅନୁଗ୍ରହ ହେତୁ ଏହା କରିପାରିଛି। ୧୧ମୁଁ ତୁମ୍ଭକୁ ପ୍ରଚାର
କରେ ବା ଅନ୍ୟମାନେ ପ୍ରଚାର କରନ୍ତି, ସେଥିରେ କିଛି
ଯାଏ ଆସେ ନାହିଁ, କାରଣ ଆମ୍ଭେ ସମସ୍ତେ ସମାନ ବିଷୟ
ପ୍ରଚାର କରିଥାଉ। ଆଉ ଏହି ପ୍ରକାରେ ତୁମ୍ଭେମାନେ
ବିଶ୍ୱାସୀ ହୋଇଅଛ।

## ଆମ୍ଭେ ମୃତ୍ୟୁରୁ ପୁନର୍ଜୀବିତ ହେବା

୧୨ଯୀଶୁଖ୍ରୀଷ୍ଟ ମୃତ୍ୟୁରୁ ଉତ୍ଥିତ ହୋଇଥିଲେ, ଏହା ପ୍ରଚାରିତ
ହୋଇଛି, ତା’ହେଲେ ତୁମ୍ଭମାନଙ୍କ ମଧ୍ୟରୁ କେତେଜଣ
କାହିଁକି କୁହନ୍ତି ଯେ, ଲୋକେ ମୃତ୍ୟୁରୁ ଉତ୍ଥିତ ହୋଇପାରିବେ
ନାହିଁ। ୧୩ଯଦି ଲୋକମାନେ ମୃତ୍ୟୁରୁ ଉତ୍ଥିତ ହେବେ ନାହିଁ,
ତା’ହେଲେ ଖ୍ରୀଷ୍ଟ ମଧ୍ୟ ମୃତ୍ୟୁରୁ ଉତ୍ଥିତ ହୋଇ ନାହାଁନ୍ତି।
୧୪ଯଦି ଖ୍ରୀଷ୍ଟ ମୃତ୍ୟୁରୁ ଉତ୍‌ଥିତ ହୋଇ ନାହାଁନ୍ତି, ତା’ହେଲେ
ଆମ୍ଭର ଶିକ୍ଷାଦାନ ଓ ତୁମ୍ଭମାନଙ୍କର ବିଶ୍ୱାସର କିଛି ମୂଲ୍ୟ
ନାହିଁ। ୧୫ଆମ୍ଭେ ମଧ୍ୟ ପରମେଶ୍ୱରଙ୍କ ବିଷୟରେ ମିଛ
କହିଥିବା ଅପରାଧରେ ଅପରାଧୀ। କାରଣ ଆମ୍ଭେ ପରମେଶ୍ୱରଙ୍କ
ବିଷୟରେ ପ୍ରଚାର କରିଛୁ ଯେ, ସେ ଯୀଶୁଙ୍କୁ ମୃତ୍ୟୁରୁ
ଉଠାଇଛନ୍ତି। ଯଦି ମୃତମାନେ ଉତ୍ଥିତ ନ ହୁଅନ୍ତି, ତା’ହେଲେ
ପରମେଶ୍ୱର ମଧ୍ୟ ଖ୍ରୀଷ୍ଟଙ୍କୁ ମୃତ୍ୟୁରୁ ଉଠାଇ ନାହାଁନ୍ତି।
୧୬ଯଦି ମୃତମାନେ ଉତ୍ଥିତ ହୁଅନ୍ତି ନାହିଁ, ତା’ହେଲେ
ଯୀଶୁଖ୍ରୀଷ୍ଟ ମଧ୍ୟ ଉତ୍ଥିତ ହୋଇ ନାହାଁନ୍ତି। ୧୭ଯଦି ଖ୍ରୀଷ୍ଟ
ମୃତ୍ୟୁରୁ ଉଠି ନାହାଁନ୍ତି, ତା’ହେଲେ ତୁମ୍ଭ ବିଶ୍ୱାସର କିଛି
ମୂଲ୍ୟ ନାହିଁ। ତୁମ୍ଭେମାନେ ଏ ପର୍ଯ୍ୟନ୍ତ ନିଜ ନିଜ ପାପରେ
ଅଛ। ୧୮ପୁଣି ଖ୍ରୀଷ୍ଟଙ୍କଠାରେ ଥାଇ ଯେଉଁମାନେ ମରିଛନ୍ତି,
ସେମାନେ ମଧ୍ୟ ବିନଷ୍ଟ ହୋଇ ଯାଇ ଅଛନ୍ତି। ୧୯ଯଦି
ଖ୍ରୀଷ୍ଟଙ୍କଠାରେ ଆମ୍ଭର ଭରସା କେବଳ ଏହି ସଂସାରର
ଜୀବନ ପାଇଁ, ତା’ହେଲେ ଅନ୍ୟ ସମସ୍ତ ଲୋକଙ୍କ ତୁଳନାରେ
ଆମ୍ଭେ ଅଧିକ ହତଭାଗ୍ୟ।
୨୦କିନ୍ତୁ ବାସ୍ତବ କଥା ଏହି ଯେ, ଖ୍ରୀଷ୍ଟଙ୍କୁ ମୃତ୍ୟୁରୁ
ଉତ୍ଥିତ କରାଯାଇଛି। ସେ ହେଉଛନ୍ତି ମୃତ ବିଶ୍ୱାସୀମାନଙ୍କ
ମଧ୍ୟରୁ ଉତ୍ଥିତ ପ୍ରଥମ ଫଳ ସ୍ୱରୂପ। ୨୧ଜଣେ ମନୁଷ୍ୟ
ହେତୁ ଲୋକମାନଙ୍କ ପାଖକୁ ମୃତ୍ୟୁ ଆସିଲା। କିନ୍ତୁ ଜଣେ
ମନୁଷ୍ୟ ଦ୍ୱାରା ମଧ୍ୟ ମୃତ୍ୟୁର ପୁନରୁତ୍ଥାନ ହେଲା। ୨୨ଆଦମ
ଯୋଗୁ ସମସ୍ତ ଲୋକ ମୃତ୍ୟୁ ଭୋଗ କରନ୍ତି, ସେହି ଭଳି
ଖ୍ରୀଷ୍ଟଙ୍କ ଯୋଗୁ ସମସ୍ତ ଲୋକଙ୍କୁ ପୁନର୍ଜୀବିତ ହେବେ।
୨୩କିନ୍ତୁ ପ୍ରତ୍ୟେକ ଲୋକ କ୍ରମାନୁସାରେ ପୁନଃର୍ଜୀବିତ ହେବେ।
ପ୍ରଥମ ଫଳ ସ୍ୱରୂପ ଖ୍ରୀଷ୍ଟ, ତା’ପରେ ଖ୍ରୀଷ୍ଟଙ୍କ ଆଗମନ
ସମୟରେ ତାହାଙ୍କ ଆଶ୍ରିତମାନେ ପୁନରୁତ୍ଥିତ ହେବେ।
୨୪ତା’ପରେ ଯୁଗାନ୍ତ ହେବ। ସମସ୍ତ ଶାସକ, କ୍ଷମତା ଓ
ଶକ୍ତିଗୁଡ଼ିକୁ ଲୋପ କରିବା ପରେ ଖ୍ରୀଷ୍ଟ ପିତା ପରମେଶ୍ୱରଙ୍କ
ରାଜତ୍ୱ ସମର୍ପଣ କରିବେ। ୨୫କିନ୍ତୁ ଯେତେ ଦିନ ପର୍ଯ୍ୟନ୍ତ
ପରମେଶ୍ୱର ସମସ୍ତ ଶତ୍ରୁଙ୍କୁ ଖ୍ରୀଷ୍ଟଙ୍କ ପାଦତଳେ ନ
ରଖିଛନ୍ତି, ସେତେଦିନ ପର୍ଯ୍ୟନ୍ତ ଖ୍ରୀଷ୍ଟ ରାଜତ୍ୱ କରିବେ।
୨୬ଶେଷ ଶତ୍ରୁ ଭାବରେ ମୃତ୍ୟୁକୁ ଲୋପ କରାଯିବ। ୨୭ଶାସ୍ତ୍ର
କୁହେ: “ପରମେଶ୍ୱର ସମସ୍ତ ବିଷୟକୁ ତାହାଙ୍କର ପାଦତଳେ
ରଖିଛନ୍ତି।”* ଯେତେବେଳେ ଏହା କୁହେ ଯେ, ସେ
“ସମସ୍ତ ବିଷୟ” ତାହାଙ୍କ ପାଦତଳେ ବଶୀଭୁତ କଲେ
ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ, ପରମେଶ୍ୱର ନିଜେ ପ୍ରତ୍ୟେକ
ବିଷୟକୁ ଖ୍ରୀଷ୍ଟଙ୍କର ବଶୀଭୂତ କଲେ ଓ ସେ ସେହି
ସବୁରେ ପରମେଶ୍ୱର ଅନ୍ତର୍ଗତ ନୁହଁନ୍ତି। ୨୮ସମସ୍ତ ଖ୍ରୀଷ୍ଟଙ୍କ
ବଶୀଭୂତ ହେଲା ଉତ୍ତାରେ ତା’ଙ୍କ ପୁତ୍ର ଖ୍ରୀଷ୍ଟ ମଧ୍ୟ
ପରମେଶ୍ୱରଙ୍କ ବଶୀଭୂତ ହେବେ। ଯେଉଁ ପରମେଶ୍ୱର
ପ୍ରତ୍ୟେକ ବିଷୟକୁ ଖ୍ରୀଷ୍ଟଙ୍କ ବଶୀଭୁତ କଲେ, ସେହି ଖ୍ରୀଷ୍ଟ
ପରମେଶ୍ୱରଙ୍କ ବଶୀଭୂତ ହେବେ ଓ ଏହିଭଳି ପ୍ରତ୍ୟେକ
ବିଷୟ ଉପରେ ପରମେଶ୍ୱର ଶାସନ ପ୍ରତିଷ୍ଠିତ ହେବେ।

୨୯ଯଦି ଲୋକମାନେ ମୃତ୍ୟୁରୁ ଆଦୌ ଉତ୍ଥିତ ହେବେ
ନାହିଁ, ତା’ହେଲି ଯେଉଁମାନେ ମୃତମାନଙ୍କ ପାଇଁ ଡୁବନ
ପ୍ରାପ୍ତ ହୋଇଛନ୍ତି, ସେମାନେ କ’ଣ କରିବେ? ଯଦି
ମୃତମାନେ ଆଦୌ ଉତ୍ଥିତ ହେବେ ନାହିଁ, ତା’ହେଲେ
କାହିଁକି ସେମାନଙ୍କ ପାଇଁ ଲୋକମାନଙ୍କୁ ବାପ୍ତିଜିତ
କରାଯାଇଥାଏ?
୩୦ଆମ୍ଭେ ପ୍ରତି ମୁହୂର୍ତ୍ତରେ କ’ଣ ପାଇଁ ବିପଦର
ସମ୍ମୁଖୀନ ହେଉ? ୩୧ଭାଇମାନେ, ଆମ୍ଭ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ
ଠାରେ ତୁମ୍ଭମାନଙ୍କ ପାଇଁ ମୁଁ ଯେଉଁ ଗର୍ବ କରିଥାଏ,
ସେଥିର ଶପଥ କରି କହୁଛି, ମୁଁ ପ୍ରତିଦିନ ମରେ। ୩୨ଯଦି
ମୁଁ ଏଫିସଠାରେ ମୋର ଗର୍ବ ରକ୍ଷାର୍ଥେ ବନ୍ୟପଶୁମାନଙ୍କ
ସହ ଯୁଦ୍ଧ କରିଛି, ତା’ହେଲେ ମୁଁ କ’ଣ ବା ପାଇଲି?
ଯଦି ମୃତ ଲୋକ ମୃତ୍ୟୁରୁ ଉତ୍ଥିତ ହେବ ନାହିଁ, ତା’ହେଲେ

---

**“ପରମେଶ୍ୱର … ରଖିଛନ୍ତି।”** ଗୀତସଂହିତା ୮:୬

"ଆସ ଖାଇବା, ପିଇବା (ମଉଜ କରିବା) କାରଣ କାଲି
ମରିବାକୁ ହେବ।"*
୩୩ମୂର୍ଖଙ୍କ ଭଳି ଆଚରଣ କରନାହିଁ। "ମନ୍ଦ ସଙ୍ଗୀମାନେ
ଭଲ ଅଭ୍ୟାସଗୁଡ଼ିକୁ ନଷ୍ଟ କରିଦେବେ।" ୩୪ଅତଏବ,
ତୁମ୍ଭେ ଜାଗ୍ରତ ହୁଅ, ଓ ପାପ କରିବା ବନ୍ଦ କର।
ତୁମ୍ଭମାନଙ୍କ ମଧ୍ୟରୁ କେତେକ ପରମେଶ୍ୱରଙ୍କୁ ଜାଣନ୍ତି
ନାହିଁ। ତୁମ୍ଭମାନଙ୍କୁ ଲଜ୍ଜା ଦେବା ପାଇଁ ଏକଥା ମୁଁ କହୁଛି।

## ଆମ୍ଭେ କେଉଁ ପ୍ରକାର ଶରୀର ପାଇବା ?

୩୫କିନ୍ତୁ ଜଣେ ପଚାରି ପାରେ: "ମୃତଗୁଡ଼ିକ କପରି
ଉତ୍ଥିତ ହୁଅନ୍ତି? ୩୬ସେମାନେ କେଉଁ ଭଳି ଦେହ ଧାରଣ
କରିବେ?" ଏଗୁଡ଼ିକ ହେଉଛି ନିର୍ବୋଧ ପ୍ରଶ୍ନ। ପୃଥିବୀରେ
ପୋତା ଯାଇଥିବା ବୀଜଟି ନିଜେ ନ ମରିବା ପର୍ଯ୍ୟନ୍ତ
ସଜୀବ ହୁଏ ନାହିଁ। ୩୭ବୁଣିଲା ବେଳେ ତୁମ୍ଭେମାନେ ଯାହା
ବୁଣ, ବିକଶିତ ହେଲା ପରେ ତାହା ସେହି "ଶରୀର"
ଧାରଣ କରେ ନାହିଁ। ତୁମ୍ଭେମାନେ ଗହମ ହେଉ ବା
ଅନ୍ୟ କୌଣସି ଶସ୍ୟ ହେଉ, କେବଳ ବୀଜଟି ବୁଣ।
୩୮ତା'ପରେ ପରମେଶ୍ୱର ଯେପରି ଇଚ୍ଛା କରନ୍ତି, ସେହିପରି
ଶରୀର ତାହାକୁ ପ୍ରଦାନ କରନ୍ତି। ପରମଶ୍ୱର ସମସ୍ତ ବୀଜ
ମଧ୍ୟରୁ ପ୍ରତ୍ୟେକକୁ ତାହାର ନିଜ ଶରୀର ଦିଅନ୍ତି।
୩୯ଶରୀରରୁ ଜାତ ସମସ୍ତ ବିଷୟରେ ସମାନ ପ୍ରକାରର
ଶରୀର ନ ଥାଏ। ମଣିଷମାନଙ୍କର ଶରୀର ଏକ ପ୍ରକାରର
ତ ଚଢ଼େଇମାନଙ୍କର ଶରୀର ଅନ୍ୟ ପ୍ରକାରର ଓ ମାଛମାନଙ୍କର
ଶରୀର ଆହୁରି ଅଲଗା ପ୍ରକାରର। ୪୦ସ୍ୱର୍ଗୀୟ ଶରୀର
ଅଛି, ପୃଥିବୀସ୍ଥ ଶରୀର ମଧ୍ୟ ଅଛି। କିନ୍ତୁ ସ୍ୱର୍ଗୀୟ
ଶରୀରରୁ ଏକ ପ୍ରକାରର ହେବ, ଆଉ ପୃଥିବୀସ୍ଥ ଶରୀରର
ଅନ୍ୟପ୍ରକାରର ହେବ। ୪୧ସୂର୍ଯ୍ୟର ଜ୍ୟୋତିଃ ଗୋଟିଏ ପ୍ରକାରର,
ଚନ୍ଦ୍ରର ଜ୍ୟୋତିଃ ଅନ୍ୟ ପ୍ରକାରର ଓ ତାରାମାନଙ୍କର
ଜ୍ୟୋତିଃ ଆହୁରି ଅନ୍ୟପ୍ରକାରର, ଗୋଟିଏ ତାରାର ଜ୍ୟୋତିଃ,
ଅନ୍ୟ ତାରାମାନଙ୍କର ଠାରୁ ଅଲଗା।
୪୨ମୃତମାନଙ୍କର ଉତ୍ଥାନ ବିଷୟରେ ମଧ୍ୟ ଏହି କଥାଟି
ପ୍ରଯୁଜ୍ୟ। ଯେଉଁ ଶରୀରଟି ପୋତି ଦିଆ ହେଲା, ତାହା
ନଷ୍ଟ ହୋଇଯିବ। କିନ୍ତୁ ସେହି ଶରୀରଟି ଯେଉଁ ନୂତନ
ଦେହ ଧାରଣ କରିବ, ତାହା ନଷ୍ଟ ହେବ ନାହିଁ।
୪୩ଶରୀରଟି ଅନାଦରରେ "ବୁଣାଯାଏ", କିନ୍ତୁ ମହିମାରେ
ତାହା ଉତ୍ଥିତ ହୁଏ। ଯେତେବେଳେ ଦୁର୍ବଳତାରେ ଶରୀରଟି
"ବୁଣାଯାଏ" ଏହା ଶକ୍ତିର ସହିତ ଉତ୍ଥିତ ହୁଏ। ୪୪ପ୍ରାକୃତିକ
ଶରୀରଟି "ବୁଣାଯାଏ", ଆତ୍ମିକ ଶରୀର ଉତ୍ଥିତ ହୁଏ।
ଯଦି ପ୍ରକୃତିକ ଶରୀର ଅଛି, ତା'ହେଲେ ଆଧାତ୍ମିକ
ଶରୀର ମଧ୍ୟ ଅଛି। ୪୫ଶାସ୍ତ୍ରରେ ଲେଖା ଅଛି: "ପ୍ରଥମ
ମନୁଷ୍ୟ (ଆଦମ) ସଜୀବ ପ୍ରାଣୀ,"* କିନ୍ତୁ ଶେଷ ଆଦମ
(ଖ୍ରୀଷ୍ଟ) ଜଣେ ଜୀବନଦାତା ଆତ୍ମା। ୪୬ମାତ୍ର ଯାହା ଆତ୍ମିକ,
ତାହା ପ୍ରଥମ ନୁହେଁ। ମାତ୍ର ଯାହା ପ୍ରାକୃତିକ, ତାହା ପ୍ରଥମ,
ପରେ ଆତ୍ମିକ ଆସେ। ୪୭ପ୍ରଥମ ମନୁଷ୍ୟଟି ପୃଥିବୀର
ମାଟିରୁ ନିର୍ମିତ ହୋଇଥିଲା; କିନ୍ତୁ ଦ୍ୱିତୀୟ ମନୁଷ୍ୟ ସ୍ୱର୍ଗରୁ
ଆସିଥିଲେ। ୪୮ଜଗତର ପ୍ରଥମ ମନୁଷ୍ୟ ଭଳି ପ୍ରତ୍ୟେକ
ମନୁଷ୍ୟ ପୃଥିବୀର ଅଟନ୍ତି। କିନ୍ତୁ ଯେଉଁମାନେ ସ୍ୱର୍ଗର,
ସେମାନେ ସ୍ୱର୍ଗରୁ ଆଗତ ସେହି ମନୁଷ୍ୟ ତୁଲ୍ୟ। ୪୯ଆମ୍ଭେମାନେ
ଜଗତରୁ ସେହି ମନୁଷ୍ୟ ତୁଲ୍ୟ ନିର୍ମିତ ହୋଇଅଛୁ।
ଅତଏବ, ଆମ୍ଭେ ମଧ୍ୟ ସ୍ୱର୍ଗର ସେହି ବ୍ୟକ୍ତି ତୁଲ୍ୟ ଶରୀର
ଧାରଣ କରିବା।
୫୦ଭାଇ ଓ ଭଉଣୀମାନେ! ମୁଁ ତୁମ୍ଭକୁ ଏକଥା କହୁଛି
ଯେ, ମାଂସ ଓ ରକ୍ତ ପରମେଶ୍ୱରଙ୍କ ରାଜ୍ୟର ଉତ୍ତରାଧିକାରୀ
ହୋଇ ପାରିବ ନାହିଁ। କ୍ଷୟ ଅକ୍ଷୟକୁ ଅଧିକାର କରି
ପାରିବ ନାହିଁ। ୫୧କିନ୍ତୁ ଶୁଣ! ମୁଁ ତୁମ୍ଭମାନଙ୍କୁ ଗୋଟିଏ
ନିଗୂଢ଼ କଥା କହୁଛି: ଆମ୍ଭମାନଙ୍କ ମଧ୍ୟରୁ ସମସ୍ତେ ମରିବା
ନାହିଁ, ବରଂ ଆମ୍ଭେ ସମସ୍ତେ ପରିବର୍ତ୍ତିତ ହେବା। ୫୨ଏହା
କେବଳ ମୁହୂର୍ତ୍ତକ ମଧ୍ୟରେ ଆଖି ପିଛୁଳାକେ, ଘଟି ଯିବ।
ଯେତେବେଳେ ତୂରୀ ବାଜିବ, ଓ ଯେତେ ସବୁ ବିଶ୍ୱାସୀ
ମରିଯାଇଛନ୍ତି ସେମାନେ ମୃତ୍ୟୁରୁ ଅନନ୍ତକାଳ ପାଇଁ ଉତ୍ଥିତ
ହେବେ ଓ ଆମ୍ଭମାନଙ୍କ ମଧ୍ୟରୁ ଯେଉଁମାନେ ଜୀବିତ
ଅଛନ୍ତି, ସେମାନେ ପରିବର୍ତ୍ତିତ ହେବ। ୫୩ଏହି ବିନାଶ
ଦେହ ଅନନ୍ତ ରୂପ ବସ୍ତ୍ର ଧାରଣ କରିବାକୁ ହେବ ଓ ଏହି
ମର୍ତ୍ତ୍ୟ ଦେହ ଅମରତ୍ୱରୂପ ବସ୍ତ୍ର ଧାରଣ କରିବାକୁ ହେବ।
୫୪କିନ୍ତୁ ଏହି କ୍ଷୟ ଶରୀର ଅକ୍ଷୟରୂପ ବସ୍ତ୍ର ଏହି ମର୍ତ୍ତ୍ୟ
ଦେହ ଅମରତ୍ୱ ରୂପ ବସ୍ତ୍ର ଧାରଣ କଲାପରେ ଶାସ୍ତ୍ରର ଏହି
କଥା ସଫଳ ହେବ।

"ଜୟ ମୃତ୍ୟୁକୁ ଗ୍ରାସ କରିଦେଲା"
ଯିଶାଇୟ ୨୫:୮

୫୫ "ମୃତ୍ୟୁ ତୁମ୍ଭର ବିଜୟ କେଉଁଠାରେ ଅଛି? କବର
ତୁମ୍ଭର ଆଘାତ କରିବା ଶକ୍ତି କେଉଁଠାରେ ଅଛି"
ହୋଶେୟ ୧୩:୧୪

୫୬ମୃତ୍ୟୁର ଆଘାତ କରିବା ହେଉଛି ପାପ। ପାପର ବଳ
ହେଉଛି ବ୍ୟବସ୍ଥା। ୫୭କିନ୍ତୁ ପରମେଶ୍ୱରଙ୍କୁ ଧନ୍ୟବାଦ ଦିଏ
ଯେ, ସେ ଆମ୍ଭ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ମାଧ୍ୟମରେ ଆମ୍ଭକୁ
ବିଜୟ ପ୍ରଦାନ କରନ୍ତି
୫୮ଅତଏବ, ମୋ ଭାଇ ଓ ଭଉଣୀମାନେ, ଦୃଢ଼
ଭାବରେ ସ୍ଥିର ରୁହ। କୌଣସି ବିଷୟ ତୁମ୍ଭକୁ ଅସ୍ଥିର ନ
କରୁ। ପରମେଶ୍ୱରଙ୍କ ପାଇଁ କରାଯାଇଥିବା ତୁମ୍ଭର କାର୍ଯ୍ୟ
କଦାପି ବ୍ୟର୍ଥ ଯିବ ନାହିଁ। ଏହା ଜାଣି ପ୍ରଭୁଙ୍କ କାର୍ଯ୍ୟରେ
ସର୍ବଦା ନିଜକୁ ନିୟୋଜିତ କର।

## ଅନ୍ୟ ବିଶ୍ୱାସୀମାନଙ୍କ ଲାଗି ଦାନ ସଂଗ୍ରହ

୧୬ ବର୍ତ୍ତମାନ ପରମେଶ୍ୱରଙ୍କ ଲୋକମାନଙ୍କର ସାହାଯ୍ୟ
ପାଇଁ ଅର୍ଥ ସଂଗ୍ରହ ବିଷୟରେ ମୁଁ ଗାଲାତୀୟ
ମଣ୍ଡଳୀକୁ ଏ ସଂପର୍କରେ ଦେଇ ଥିବା ନିର୍ଦ୍ଦେଶମାନ
ତୁମ୍ଭେମାନେ ଅବଶ୍ୟ ପାଳନ କରିବା ଉଚିତ। ୨ପ୍ରତ୍ୟେକ
ସପ୍ତାହର ପ୍ରଥମ ଦିନ ତୁମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜ
ଆୟ ଅନୁଯାୟୀ ଯେତିକି ସମ୍ଭବ ନିଶ୍ଚୟ ସଞ୍ଚୟ କର।

---

**"ଆସ ... ହେବ।"** ଯିଶାଇୟ ୨୨:୧୩; ୫୬:୧୨
**"ପ୍ରଥମ ... ପ୍ରାଣୀ।"** **ଆଦିପୁସ୍ତକ ୨:୭**

ତୁମ୍ଭେମାନେ ଏହାକୁ ଗୋଟିଏ ବିଶେଷ ସ୍ଥାନରେ ରଖି
ଥାଅ। ଏପରି କଲେ, ମୁଁ ତୁମ୍ଭମାନଙ୍କ ପାଖରେ ପହଁଚିଲା
ପରେ ତୁମ୍ଭମାନଙ୍କୁ ସଂଗ୍ରହ କରିବାକୁ ପଡ଼ିବ ନାହିଁ।
[୩]ସେଠାରେ ପହଁଞ୍ଚିଲା ପରେ, ତୁମ୍ଭେମାନେ ଯେଉଁ ବ୍ୟକ୍ତିମାନଙ୍କୁ
ବାଛିବ, ମୁଁ ସେମାନଙ୍କର ପରିଚୟପତ୍ର ସହିତ ତୁମ୍ଭମାନଙ୍କର
ଦାନ ଯିରୂଶାଲମକୁ ପଠାଇ ଦେବି। [୪]ଯଦି ମୋର ମଧ୍ୟ
ଯିବାର ହୁଏ ସେମାନେ ମଧ୍ୟ ମୋ ସହିତ ଯିବେ।

## ପାଉଲଙ୍କ ଯୋଜନା

[୫]ମୋର ମାକିଦନିଆ ବାଟ ଦେଇ ଯିବା କାର୍ଯ୍ୟକ୍ରମ
ଅଛି। ମାକିଦନିଆ ବାଟ ଦେଇ ଗଲା ପରେ ମୁଁ ତୁମ୍ଭମାନଙ୍କ
ପାଖକୁ ଆସିବି। [୬]ସେତେବେଳେ ମୁଁ ତୁମ୍ଭମାନଙ୍କ ସହିତ
କିଛି ସମୟ ଅତିବାହିତ କରିବି, ସମ୍ପୂର୍ଣ୍ଣ ବା ଶୀତକାଳ
ତୁମ୍ଭମାନଙ୍କ ସହିତ ରହିବି। ତା'ପରେ, ମୋ ଯାତ୍ରାରେ, ମୁଁ
ଯେଉଁଠାକୁ ଯିବି, ତୁମ୍ଭେମାନେ ମୋତେ ସାହାଯ୍ୟ କରିପାରିବ।
[୭]ମୁଁ ଏବେ ତୁମ୍ଭମାନଙ୍କ ସହିତ ଦେଖାକରିବାକୁ ଇଚ୍ଛା କରୁ
ନାହିଁ, କାରଣ ପ୍ରଭୁ ଅନୁମତି ଦେଲେ ତୁମ୍ଭମାନଙ୍କ ସହ
ଅଧିକ ସମୟ ରହିବା ପାଇଁ ଆଶା କରେ। [୮]କିନ୍ତୁ ମୁଁ
ଏଫିସ ନଗର ଠାରେ ପେଣ୍ଟିକଷ୍ଟ* ପର୍ବ ପର୍ଯ୍ୟନ୍ତ ରହିବି।
[୯]କାରଣ ସେଠାରେ ଫଳପ୍ରଦ କାର୍ଯ୍ୟ ନିମନ୍ତେ ମୋ ପାଇଁ
ଏକ ମହାନ୍ ସୁଯୋଗର ଦ୍ୱାର ଖୋଲା ହୋଇଛି। ସେଠାରେ
ମୋର ଅନେକ ବିପକ୍ଷ ମଧ୍ୟ ଅଛନ୍ତି। [୧୦]ତୀମଥି ତୁମ୍ଭମାନଙ୍କ
ପାଖକୁ ଆସି ପାରନ୍ତି। ତୁମ୍ଭମାନଙ୍କ ମଧ୍ୟରେ ସେ ଯେପରି
ସ୍ୱଚ୍ଛନ୍ଦରେ ରୁହନ୍ତି, ଏଥିପାଇଁ ତୁମ୍ଭେ ତାହାଙ୍କ ପ୍ରତି ମନୋଯୋଗୀ
ହୁଅ। ମୋ ଭଳି ସେ ମଧ୍ୟ ପ୍ରଭୁଙ୍କ ପାଇଁ କାମ
କରୁଛନ୍ତି। [୧୧]ଅତଏବ ତୀମଥିଙ୍କୁ କେହି ଯେପରି ଗ୍ରହଣ
କରିବାକୁ ମନା ନ କରେ। ସେ ଯେପରି ମୋ ପାଖରେ
ଆସି ପହଁଞ୍ଚିବେ ଏଥିପାଇଁ ତାହାଙ୍କୁ ଶାନ୍ତି ପୂର୍ବକ ଯିବାରେ
ସାହାର୍ଯ୍ୟ କର। ମୁଁ ଅନ୍ୟ ଭାଇମାନଙ୍କ ସହିତ ତାହାଙ୍କ
ଫେରିବା ବାଟକୁ ଚାହିଁ ବସିଛି।

[୧୨]ଆପଲ୍ଲ ଭାଇଙ୍କ ବିଷୟରେ ଲେଖୁଛି। ଅନ୍ୟ ଭାଇମାନଙ୍କ
ସହିତ ତୁମ୍ଭମାନଙ୍କ ପାଖକୁ ଯିବା ପାଇଁ ମୁଁ ତାହାଙ୍କୁ ବହୁତ
ଅନୁରୋଧ କଲି କିନ୍ତୁ ଏବେ ଯିବା ପାଇଁ ସେ ଆଦୌ
ଚାହୁଁ ନାହାଁନ୍ତି। କିନ୍ତୁ ଯେତେବେଳେ ସୁଯୋଗ ହେବ, ସେ
ତୁମ୍ଭମାନଙ୍କ ପାଖକୁ ଯିବେ।

## ପାଉଲଙ୍କ ପତ୍ରର ଶେଷ ଅଂଶ

[୧୩-୧୪]ସାବଧାନ ରୁହ। ଦୃଢ଼ ଭାବେ ନିଜ ବିଶ୍ୱାସରେ
ଅଟଳ ରୁହ। ସାହସୀ ହୁଅ, ବଳବାନ ହୁଅ। ପ୍ରତ୍ୟେକ
କର୍ମ ପ୍ରେମର ସାଧିତ କର।

[୧୫]ତୁମ୍ଭେମାନେ ସ୍ତିଫାନର ପରିବାରବର୍ଗଙ୍କୁ ଜାଣିଛ।
ସେମାନେ ଆଖାୟା ଦେଶର ପ୍ରଥମ ବିଶ୍ୱାସୀଥିଲେ। ସେମାନେ
ପରମେଶ୍ୱରଙ୍କ ଲୋକମାନଙ୍କ ସେବାରେ ନିଜକୁ ସମର୍ପିତ
କରିଛନ୍ତି। [୧୬]ଭାଇ ଓ ଭଉଣୀମାନେ! ମୁଁ ତୁମ୍ଭମାନଙ୍କୁ
ଅନୁରୋଧ କରୁଛି ଯେ ତୁମ୍ଭେମାନେ, ଏହିପ୍ରକାର ଲୋକ
ଓ ସେମାନଙ୍କ ସହିତ ପରମେଶ୍ୱରଙ୍କ ପାଇଁ ପରିଶ୍ରମ କରି
ସେବା କରୁଥିବା ଲୋକମାନଙ୍କର ବଶୀଭୂତ ହୁଅ।

[୧୭]ମୁଁ ସ୍ତିଫାନ, ଫର୍ତ୍ତୁନାତ ଓ ଆଖାୟିକଙ୍କ ଆଗମନରେ
ଆନନ୍ଦ କରୁଛି। କାରଣ ମୋ ପାଇଁ ଯାହା ତୁମ୍ଭେମାନେ
କରି ପାରି ନାହଁ, ତାହା ସେମାନେ କରି ପାରିଲେ।
[୧୮]ସେମାନେ ମୋ ଆତ୍ମାକୁ ଏବଂ ତୁମ୍ଭ ଆତ୍ମାକୁ ମଧ୍ୟ
ଆରାମ ପ୍ରଦାନ କରିଛନ୍ତି। ତୁମ୍ଭେମାନେ ଏଭଳି ଲୋକମାନଙ୍କୁ
ସମ୍ମାନ କରିବା ଉଚିତ।

[୧୯]ଏସିଆର ସମସ୍ତ ମଣ୍ଡଳୀ ତୁମ୍ଭମାନଙ୍କୁ ଅଭିବାଦନ
ଜଣାନ୍ତି। ଆକ୍ୱିଲା ଓ ପ୍ରୀସ୍କା ପ୍ରଭୁଙ୍କ ନାମରେ ଅନେକ
ଅଭିବାଦନ ପଠାନ୍ତି। ତାହାଙ୍କ ଘରେ ମିଳିତ ହେଉଥିବା
ମଣ୍ଡଳୀ ତୁମ୍ଭମାନଙ୍କୁ ମଧ୍ୟ ଅଭିବାଦନ ଜଣାଏ। [୨୦]ସମସ୍ତ
ଭାଇ ଓ ଭଉଣୀଙ୍କର ତୁମ୍ଭମାନଙ୍କୁ ନମସ୍କାର। ଯେତେବେଳେ
ତୁମ୍ଭେମାନେ ଏକତ୍ର ହେଉଛ, ପରସ୍ପରକୁ ପବିତ୍ର ଚୁମ୍ବନ
ଦେଇ ଅଭିବାଦନ ଜଣାଅ।

[୨୧]ମୁଁ ପାଉଲ, ନିଜ ହାତରେ ତୁମ୍ଭମାନଙ୍କୁ ନମସ୍କାର
ଲେଖି ଜଣାଉଛି।

[୨୨]ଯଦି କିଏ ପ୍ରଭୁଙ୍କୁ ପ୍ରେମ କରୁ ନାହିଁ, ତାହାହେଲେ
ସେ ଲୋକ ପରମେଶ୍ୱରଙ୍କ ଠାରୁ ବିଚ୍ଛିନ୍ନ ହୋଇ ସେ
ଅନନ୍ତ କାଳ ପାଇଁ ବିନଷ୍ଟ ହେବ।

ମାରାନାଥା* ଅର୍ଥାତ୍ ପ୍ରଭୁ ଆସୁଛନ୍ତି।

[୨୩]ପ୍ରଭୁ ଯୀଶୁଙ୍କର ଅନୁଗ୍ରହ ତୁମ୍ଭମାନଙ୍କର ସହବର୍ତ୍ତୀ
ହେଉ।

[୨୪]ଖ୍ରୀଷ୍ଟଯୀଶୁଙ୍କ ଠାରେ ତୁମ୍ଭ ସମସ୍ତଙ୍କ ପ୍ରତି ମୋର
ପ୍ରେମ ଭାବ ରହିଥାଉ।

---

**ପେଣ୍ଟିକଷ୍ଟ** ଇହୁଦୀମାନଙ୍କର ଗହମ ଅମଳଦାନୀ ବିଷୟକ ପର୍ବ। ଏହା ବାର୍ଷିକ ଉତ୍ସବ 'ପାସୋଭର' ର ୫୦ ଦିନ ପରେ ପାଳନ ହୁଏ।

**ମାରନାଥା** ଏହା ଆମେଇ ଭାଷାରେ ଅଭିବ୍ୟକ୍ତ ଅଟେ। ପ୍ରାଚୀନ କାଳରେ ଖ୍ରୀଷ୍ଟଧର୍ମାବଲମ୍ବିମାନେ ପ୍ରଭୁଙ୍କର ପୁନରାଗମନର ଇଚ୍ଛା ସହିତ ଏହା କହୁଥିଲେ।

# License Agreement for Bible Texts

***World Bible Translation Center***
***Last Updated: September 21, 2006***

Copyright © 2006 by World Bible Translation Center
All rights reserved.

**These Scriptures:**

- Are copyrighted by World Bible Translation Center.
- Are not public domain.
- May not be altered or modified in any form.
- May not be sold or offered for sale in any form.
- May not be used for commercial purposes (including, but not limited to, use in advertising or Web banners used for the purpose of selling online add space).
- May be distributed without modification in electronic form for non-commercial use. However, they may not be hosted on any kind of server (including a Web or ftp server) without written permission. A copy of this license (without modification) must also be included.
- May be quoted for any purpose, up to 1,000 verses, without written permission. However, the extent of quotation must not comprise a complete book nor should it amount to more than 50% of the work in which it is quoted. A copyright notice must appear on the title or copyright page using this pattern: "Taken from the HOLY BIBLE: EASY-TO-READ VERSION™ © 2006 by World Bible Translation Center, Inc. and used by permission." If the text quoted is from one of WBTC's non-English versions, the printed title of the actual text quoted will be substituted for "HOLY BIBLE: EASY-TO-READ VERSION™." The copyright notice must appear in English or be translated into another language. When quotations from WBTC's text are used in non-saleable media, such as church bulletins, orders of service, posters, transparencies or similar media, a complete copyright notice is not required, but the initials of the version (such as "ERV" for the Easy-to-Read Version™ in English) must appear at the end of each quotation.

Any use of these Scriptures other than those listed above is prohibited. For additional rights and permission for usage, such as the use of WBTC's text on a Web site, or for clarification of any of the above, please contact World Bible Translation Center in writing or by email at distribution@wbtc.com.

World Bible Translation Center
P.O. Box 820648
Fort Worth, Texas 76182, USA
Telephone: 1-817-595-1664
Toll-Free in US: 1-888-54-BIBLE
E-mail: info@wbtc.com

**WBTC's web site –** World Bible Translation Center's web site: http://www.wbtc.org

**Order online –** To order a copy of our texts online, go to: http://www.wbtc.org

**Current license agreement –** *This license is subject to change without notice. The current license can be found at:* http://www.wbtc.org/downloads/biblelicense.htm

**Trouble viewing this file –** If the text in this document does not display correctly, use Adobe Acrobat Reader 5.0 or higher. Download Adobe Acrobat Reader from: http://www.adobe.com/products/acrobat/readstep2.html

**Viewing Chinese or Korean PDFs –** To view the Chinese or Korean PDFs, it may be necessary to download the Chinese Simplified or Korean font pack from Adobe. Download the font packs from: http://www.adobe.com/products/acrobat/acrrasianfontpack.html